ବର୍ଷ-୨୬, ସଂଖ୍ୟା-୨୮୧
ଭୁବନେଶ୍ୱର
୧୮, ଅକ୍ଟୋବର, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 281
Bhubaneswar
18, October, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat



## ଗହମ ବର୍ଫି

ସମ୍ପ୍ରତି ଦେଶର ସ୍ଥିତି ଉଦ୍‌ବେଗ ଜନକ ରହିଛି। ଏପରି ସମୟରେ ଜିଦିଆ ହୋଇ ସରକାରୀ ଆଦେଶ ବିରୋଧରେ ବାହାରେ ନ ବୁଲି ଘରେ ରହିବା ଆବଶ୍ୟକ। ତେବେ ପୂରା ଦିନ ଘରେ ରହିବା ଅବଶ୍ୟ ବିରକ୍ତି କର। କିନ୍ତୁ ଏହି ସମୟକୁ ଯଦି ସୃଜନଶୀଳ କରାଯାଏ, ତେବେ ଏହା ଅତ୍ୟନ୍ତ ଆନନ୍ଦଦାୟୀ ହୋଇପାରିବ। ତେଣୁ ଏହି ସମୟର ସଦୁପଯୋଗ କରିବାକୁ କିଛି ନୂଆ ଓ ସ୍ୱାଦିଷ୍ଟ ଭୋଜନ ପ୍ରସ୍ତୁତି କରିବା କିଛି ଭୁଲ ହେବ ନାହିଁ। ତେଣୁ ଆମେ କହୁଛୁ ଅତି ସହଜରେ ଓ ଅଳ୍ପ ଖର୍ଚ୍ଚରେ କିପରି କରିବେ ଗହମ ବର୍ଫି।

ଆବଶ୍ୟକ ସାମଗ୍ରୀ: ଗହମ ବଟା, ଚିନି, କ୍ଷୀର, ଗୁଜୁରାତି, କାଜୁ, ଗୁଆ ଘିଅ

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ କ୍ଷୀରକୁ ଭଲ ଭାବେ ଫୁଟାଇ ଦିଅନ୍ତୁ। ତା'ପରେ ଗହମ ବଟା ପକାଇ ଆଉଥରେ ଭଲକରି ଫୁଟାନ୍ତୁ। ଏହି ମିଶ୍ରଣ ଯେପରି ତଳେ ନ ଲାଗିବା ସେଥିପାଇଁ ବାରମ୍ବାର ଘାଣ୍ଟନ୍ତୁ। ପ୍ରାୟ ୨୦ ମିନିଟ ପର୍ଯ୍ୟନ୍ତ ଫୁଟିଗଲା ପରେ ସେଥିରେ ଚିନି, ଗୁଜୁରାତି ଓ କାଜୁ ପକାଇ ଗୋଳାନ୍ତୁ। ବର୍ତ୍ତମାନ ଏକ ଥାଳିରେ ଗୁଆଘିଅ ମାରି ରଖନ୍ତୁ। ଏବେ ଏଥିରେ କଡ଼େଇରେ ଫୁଟୁଥିବା ମିଶ୍ରଣକୁ ଢାଳିଦିଅନ୍ତୁ। ଥଣ୍ଡା ହୋଇଯିବା ପରେ ଏହାକୁ ପନ୍ଦର କୋଡିଏ ମିନିଟ୍ ଫ୍ରିଜରେ ରଖି ଦିଅନ୍ତୁ। ଏହା ପରେ ମନପସନ୍ଦର ଆକାରରେ କାଟି ପରଷି ଦିଅନ୍ତୁ ସୁଆଦିଆ "ଗହମ ବର୍ଫି"।



## ଖବର

# ସାହସ ଓ ଅଭୟର ପ୍ରତୀକ ମା' କାଳରାତ୍ରୀ



ଓଡ଼ିଶା ସମେତ ସାରାଦେଶରେ ଚାଲିଛି ନବରାତ୍ର ବା ନବଦିନାତ୍ମକ ଶକ୍ତି ପୂଜା। ନବରାତ୍ରର ନଦଦିନରେ ମା'ଙ୍କର ନଅଟି ସ୍ୱରୂପର ଆରାଧନା କରାଯାଏ। ୭ମ ଦିନରେ ଭଗବତୀ ଆଦ୍ୟାଶକ୍ତିଙ୍କୁ ଆବାହନ କରାଯାଏ ମା' କାଳରାତ୍ରୀ ରୂପରେ। ମା' କାଳରାତ୍ରୀ ହେଉଛନ୍ତି ଶକ୍ତି, ସାହସ ଓ ଅଭୟର ପ୍ରତୀକ। ତାଙ୍କର ଭୟଙ୍କର ରୂପ ଦୁଷ୍ଟ ଶକ୍ତିର ବିନାଶ କରୁଥିବା ବେଳେ ଭକ୍ତଙ୍କ ପାଇଁ ସେ ଅତ୍ୟନ୍ତ ମଙ୍ଗଳକାରିଣୀ। ଏଥିପାଇଁ ମା'ଙ୍କୁ 'ଶୁଭଙ୍କରୀ' ନାମରେ ମଧ୍ୟ ଅଭିହିତ କରାଯାଏ।ନବଦୁର୍ଗାଙ୍କ ସପ୍ତମ ରୂପ ହେଲେ ମା' କାଳରାତ୍ରୀ। ସେ ଅତ୍ୟନ୍ତ ଉଗ୍ର ରୂପା, କିନ୍ତୁ ଭକ୍ତମାନଙ୍କ ପାଇଁ ସେ ଶୁଭ ଓ ମଙ୍ଗଳଦାୟିନୀ। ତାଙ୍କର ବର୍ଣ୍ଣ କୃଷ୍ଣ, ବିଶାଳ ଦେହ, ବିକଳ କେଶ, ତିନିଟି ନୟନ ଓ ଅଗ୍ନିସ୍ଫୁଲିଙ୍ଗ ପ୍ରସ୍ତୁତ କରୁଥିବା ଶ୍ୱାସ – ଏହିଭଳି ଭୟଙ୍କର ରୂପରେ ସେ ଦେଖାଯାନ୍ତି। ମା' ଚତୁର୍ଭୁଜା। ତାଙ୍କର ଦୁଇ ହାତରେ ଖଡ୍ଗ ଓ ଲୌହ କଣ୍ଟକ ରହିଥିବା ବେଳେ ଅନ୍ୟ ଦୁଇ ହାତ ଅଭୟ ଓ ବରଦ ମୁଦ୍ରାରେ ରହିଥାଏ। ଗର୍ଦ୍ଦଭ ବା ଗଧ ହେଉଛି ମା'ଙ୍କ ବାହନ। ମା' କାଳରାତ୍ରୀଙ୍କୁ ଶୁଭଙ୍କରୀ ବୋଲି ମଧ୍ୟ କୁହାଯାଏ, କାରଣ ସେଇ ଭୟଙ୍କର ରୂପରେ ମଧ୍ୟ ଭକ୍ତମାନଙ୍କୁ ଶୁଭ, ସାହସ ଓ ରକ୍ଷା ପ୍ରଦାନ କରନ୍ତି। ଦୁର୍ଗା ସପ୍ତମୀ ତିଥିରେ ତାଙ୍କର ପୂଜା କରାଯାଏ। ହିନ୍ଦୁ ପୁରାଣ ଅନୁସାରେ, ସେଇ ଦେବୀ ଅସୁରମାନଙ୍କୁ ବିନାଶ କରି, ସତ୍ୟ ଓ ନ୍ୟାୟର ପଥକୁ ସ୍ଥାପିତ କରିଥିଲେ। ତାଙ୍କର ପୂଜାରୁ ଭୟ, ବାଧା ଓ ଅଶୁଭ ପ୍ରଭାବ ଦୂର ହୋଇଥାଏ। ମା କାଳରାତ୍ରୀଙ୍କ ସ୍ମରଣରେ ଭକ୍ତମାନେ ଅନ୍ଧକାର ଓ ଭୟକୁ ଜୟ କରି, ଆଲୋକ, ସାହସ ଓ ଆତ୍ମବଳର ସନ୍ଦେଶ ପାଆନ୍ତି।

## ଧନ କ୍ଷୟର ୪ଟି କାରଣ



ଆମ ସମସ୍ତଙ୍କ ଇଛା ଘରେ ସବୁ ସମୟରେ ସୁଖ ଓ ସମୃଦ୍ଧି ବଜାୟ ରହୁ। ଘରକୁ ଅଧିକ ଧନର ଆଗମନ ହେଉ। କିନ୍ତୁ ଆମେ ଅଜାଣତରେ କରି ଦେଉଥିବା କିଛି କାର୍ଯ୍ୟ ଧନକ୍ଷୟର କାରଣ ହୋଇଥାଏ। ଯେତେ ଉପାର୍ଜନ କଲେ ବି ଧନ ସଞ୍ଚୟ ହୋଇପାରେ ନାହିଁ। ଧନକ୍ଷୟରୁ ବର୍ତ୍ତିବା ପାଇଁ ବାସ୍ତୁ ଅନୁଯାୟୀ କିଛି ନିୟମ ପାଳନ କରିବାକୁ ହୋଇଥାଏ। ଚାଲନ୍ତୁ ଜାଣିବା ଏମିତି କଣ ସବୁ ରହିଛି ଯାହା ଧନ କ୍ଷୟର କାରଣ।

ଭ ଖାଇବା ସମୟରେ ମୁହଁ ପୂର୍ବ କିମ୍ବା ଉତ୍ତର ଦିଗକୁ କରି ଖାଆନ୍ତ। ଜୋତା ପିନ୍ଧି କେବେ ହେଲେ ଖାଆନ୍ତୁ ନାହିଁ। ଏପରି କରିବା ଦ୍ୱାରା ଧନହାନି ହୋଇଥାଏ।

ଭ ରାତିରେ ଦହି ଖାଇବା ଅନୁଚିତ୍। ଧନକ୍ଷୟର ଅନ୍ୟ ଏକ କାରଣ ରାତିରେ ଦହି ଖାଇବା।

ଭ ଘରେ ଠାକୁରଙ୍କ ଠାରେ ଲାଗି ହୋଇଥିବା ଫୁଲକୁ ଅନେକ ଲୋକେ ଶୁଖିବା ପରେ ବି ସାଇତି ରଖିଥାନ୍ତି। ବାସ୍ତୁ ଅନୁସାରେ ଶୁଖିଲା ଫୁଲକୁ ଘରେ ରଖିବା ଅନୁଚିତ। ଏହା ମା ଲକ୍ଷ୍ମୀଙ୍କୁ ଅସନ୍ତୁଷ୍ଟ କରେ।

ଭ ଘିଅ କିମ୍ବା କ୍ଷୀରକୁ ଅଇଁଠା ହାତରେ ଛୁଅନ୍ତୁ ନାହିଁ। ଘିଅ ବ୍ୟବହାର କରିବା ସମୟରେ ସୁଦ୍ଧତା ଉପରେ ଗୁରୁତ୍ୱ ଦେବା ଦରକାର। ଏପରି କରିବା ଦ୍ୱାରା ମା' ଲକ୍ଷ୍ମୀ ପ୍ରସନ୍ନ ହୋଇଥା'ନ୍ତି। ଆପଣଙ୍କ ଘରେ ଧନର ଅଭାବ ହୁଏନି।

# ଶରୀର ପାଇଁ ଖୁବ ଉପକାରୀ ଗୋଲମରିଚ



ଆମ ରୋଷେଇ ଘରେ ଥିବା ଏକ ମସଲା ହେଉଛି ଗୋଲ ମରିଚ। ଏହା ପାଟିକୁ ରାଗ ଲାଗୁଥିଲେ ମଧ୍ୟ ସ୍ୱାସ୍ଥ୍ୟ ପାଇଁ ଉପକାରୀ । ବିଶେଷଜ୍ଞଙ୍କ କହିବା ଅନୁସାରେ ଗୋଲମରିଚ ଖାଇଲେ ଆୟୁଷ ବଢିଥାଏ। ଗୋଲମରିଚରେ ଆଇରନ୍,ପୋଟାସିୟମ୍, ଫସଫରସ୍, ମାଙ୍ଗାନିଜ୍, ଜିଙ୍କ୍, କ୍ରୋମିୟମ୍, ଭିଟାମିନ୍-ଏ ଓ 'ସି'ଭଳି ଅନେକ ପୋଷକ ତତ୍ତ୍ୱ ରହିଛି, ଯାହା ଶରୀର ପାଇଁ ଖୁବ ଉପକାରୀ।

♦ ଗବେଷଣା ଅନୁସାରେ ଯେଉଁ ବ୍ୟକ୍ତି ନିଜ ଖାଦ୍ୟରେ ଗୋଲମରିଚକୁ ସାମିଲ କରନ୍ତି, ଅନ୍ୟମାନଙ୍କ ତୁଳନାରେ ସେମାନଙ୍କ ବୟସ ୮.୨ ବର୍ଷ ବଢିଯାଇଥାଏ । ଗୋଲମରିଚ ଦେହ ପାଇଁ ଭଲ, କିନ୍ତୁ ବିଶେଷଜ୍ଞଙ୍କ ମତରେ ଏହାକୁ ଗରମ କରି ଖାଇଲେ ଅଧିକ ସୁଫଳ ମିଳିଥାଏ ।

♦ ଗୋଲମରିଚରେ ଥିବା ଆଣ୍ଟି-ଅକ୍ସିଡାଣ୍ଟ କ୍ୟାନସର ଓ କାର୍ଡିଓଭାସ୍କୁଲାର ରୋଗ ସହିତ ଲଢେଇ କରିଥାଏ । ତେଣୁ ଆପଣଙ୍କ ହାର୍ଟ ସୁସ୍ଥ ରହିଥାଏ । ସେଥିପାଇଁ ପ୍ରତ୍ୟେକ ଦିନ ନିଜ ଡାଏଟରେ ଗୋଲମରିଚକୁ ସାମିଲ କରିବା ପାଇଁ ଆୟୁର୍ବେଦିକ ଡାକ୍ତର ପରାମର୍ଶ ଦେଇଥାନ୍ତି ।

♦ ଯଦି ଭୋକ ଲାଗୁନାହିଁ, ତେବେ ଗୋଲମରିଚକୁ ଉଷୁମ ପାଣିରେ ପକାଇ ପିଇବା ଦ୍ୱାରା ଭୋକ ବଢିଥାଏ ।

♦ ସେହିପରି ଋତୁସ୍ରାବ ସମୟରେ ହେଉଥିବା ଯନ୍ତ୍ରଣାକୁ ମ୍ କରିବା ପାଇଁ ଗୋଲମରିଚ ସବୁଠୁ ଭଲ । ଏହି ସମୟରେ ଗୋଲମରିଚ ଓ ସୁଣ୍ଠିକୁ ଉଷୁମ ପାଣି ସହିତ ପିଇଲେ ପେଟ ଯନ୍ତ୍ରଣା କମ୍ ହୋଇଥାଏ ।

♦ ଗ୍ୟାସ, ଅଜୀର୍ଣ୍ଣ କିମ୍ବା କୋଷ୍ଠକାଠିନ୍ୟ ସମସ୍ୟାରୁ ମଧ୍ୟ ଗୋଲମରିଚ ମୁକ୍ତି ଦେଇଥାଏ । ଗୋଲମରିଚ ଶରୀରରେ ପାଚନ କ୍ରିୟାକୁ ସନ୍ତୁଳିତ ରଖିଥାଏ । ତେଣୁ ପେଟ ଫୁଲିବା, ଗ୍ୟାସ, ଅଜୀର୍ଣ୍ଣ କିମ୍ବା କୋଷ୍ଠ କାଠିନ୍ୟ ସମସ୍ୟା ଦୂର ହୋଇଥାଏ ।

# ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ିର ମହତ୍ତ୍ୱ





ମହିଳାମାନଙ୍କ ଶୃଙ୍ଗାର ମଧ୍ୟରୁ ଚୁଡ଼ି ଏକ ମୁଖ୍ୟ ଶୃଙ୍ଗାର ଦ୍ରବ୍ୟ ଅଟେ। ମାତ୍ର ଏହା କେବଳ ସୌନ୍ଦର୍ଯ୍ୟ ଓ ଶୃଙ୍ଗାର ପାଇଁ ନୁହେଁ ବରଂ ଉତମ ସ୍ୱାସ୍ଥ୍ୟ ପାଇଁ ଏହା ଖୁବ ଲାଭଦାୟକୟ।

**ମାନସିକ ସନ୍ତୁଳନ:**
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କର ମାନସିକ ସନ୍ତୁଳନ ସଠିକ ରହିଥାଏ। ବୈଜ୍ଞାନିକଙ୍କ ମତାନୁଯାୟୀ କାଚ ଚୁଡ଼ି ମଧ୍ୟରୁ ହେଉଥିବା ଶବ୍ଦ ବାତାବରଣରେ ଥିବା ନକରାତ୍ମକ ଶକ୍ତିକୁ ନଷ୍ଟ କରିଥାଏ। ଏହାସହ ଚୁଡ଼ି ବାତାବରଣରେ ସକରାତ୍ମକ ଶକ୍ତି ସଂଚାର କରିଥାଆନ୍ତି।

**ଥକ୍କାପଣ ଦୂର କରିଥାଏ :**
ଚୁଡ଼ି ଯୋଗୁଁ ସୃଷ୍ଟି ହେଉଥିବା ଘର୍ଷଣ ଦ୍ୱାରା ଶରୀରରେ ଶକ୍ତି ସୃଷ୍ଟି ହୋଇଥାଏ। ଯାଦ୍ୱାରା ମହିଳାମାନେ ଶୀଘ୍ର ଥକ୍କାପଣ ଅନୁଭବ କରନ୍ତି ନାହିଁ।

**ଶ୍ୱାସ ରୋଗ:**
ସୁନା ଓ ରୂପା ଚୁଡ଼ି ପିନ୍ଧିବା ଦ୍ୱାରା ମଧ ଏଥିରେ ଥିବା ଧାତୁ ଶରୀର ପାଇଁ ଖୁବ ଉପକାରୀ ହୋଇଥାଏ। ହସ୍ତରେ ସୁନା, ରୂପା , କାଚ ଆଦି ଚୁଡ଼ି ଧାରଣ କରିବା ଦ୍ୱାରା ମହିଳାମାନଙ୍କର ଶ୍ୱାସ, ହୃଦ ରୋଗ ହେବାର ସମ୍ଭାବନା ଖୁବ କମ ଥାଏ।

**ହରମୋନ ସନ୍ତୁଳନ କରିଥାଏ :**
ଚୁଡ଼ି ପିନ୍ଧିବା ଦ୍ୱାରା ମହିଳାଙ୍କ ଶରୀରରେ ହରମୋନ ସଠିକ ସ୍ତରରେ କ୍ଷରଣ ହୋଇଥାଏ।

**ରକ୍ତ ପ୍ରବାହ :**
ଚୁଡ଼ି ପିନ୍ଧିବା ଦ୍ୱାରା ଏହା ହସ୍ତରେ ଘର୍ଷଣ ହୋଇ ହାତରେ ରକ୍ତ ସଂଚାଳନ ସୁଚ୍ଛରୁ ରୂପେ କରିଥାଏ।



# ଏହି ଅଭ୍ୟାସ କାରଣରୁ ଦୁର୍ବଳ ହୋଇଥାଏ ହାଡ



ସୁସ୍ଥ ରହିବା ପାଇଁ ପୁଷ୍ଟିଯୁକ୍ତ ଖାଦ୍ୟ ଖାଇବା ସହ ନିଜର କିଛି ନିତିଦିନିଆ ଅଭ୍ୟାସ ଉପରେ ଗୁରୁତ୍ୱ ଦେବା ନିତାନ୍ତ ଆବଶ୍ୟକ। ଶରୀରର ସମସ୍ତ ଅଙ୍ଗ ସଠିକ୍ ଭାବେ କାମ କରିବା ପାଇଁ ଦୈନନ୍ଦିନ କାର୍ଯ୍ୟକଳାପ ପ୍ରତି ଧ୍ୟାନ ଦେବା ଉଚିତ। ଅନେକ ସମୟରେ ଏପରି ହୋଇଥାଏ, କିଛି ଅଭ୍ୟାସ କାରଣରୁ ହାଡ ଦୁର୍ବଳ ହେବାକୁ ଲାଗିଥାଏ। ବିଶେଷ କରି ବୟସ ବଢିବା ସହ ଏହି ସମସ୍ୟା ଅଧିକ ଦେଖାଯାଏ। ମାତ୍ର ବର୍ତ୍ତମାନ ସମୟରେ ଏହା ଅଧିକାଂଶଙ୍କ ପାଇଁ ମୁଣ୍ଡ ବିନ୍ଧାର କାରଣ ପାଲଟିଛି। କିଛି ଖରାପ ଅଭ୍ୟାସ ହାଡ ଉପରେ ଅନେକ ପ୍ରଭାବ ପକାଇଥାଏ।

ସଠିକ୍ ଭାବେ ଖାଦ୍ୟ ସେବନ ନକରିବା,ଖରାପ ଜୀବନଶୈଳୀ କାରଣରୁ କମ୍ ବୟସରେ ମଧ ହାଡ ଜନିତ ସମସ୍ୟା ଦେଖାଯାଉଛି। ହାଡ ଦୁର୍ବଳ ହେବାକୁ ଆରମ୍ଭ କରୁଛି। ହାଡ ଗୁଡିକ ଦୁର୍ବଳ ହେବା ଦ୍ୱାରା ବିଭିନ୍ନ ପ୍ରକାର ରୋଗ ସୃଷ୍ଟି କରିଥାଏ। କିଛି ଅଭ୍ୟାସ କାରଣରୁ ଶରୀର କ୍ୟାଲସିୟମ ଓ ଭିଟାମିନ୍ ଡିର ଅଭାବ ହୋଇଥାଏ। ଜାଣନ୍ତୁ..

ଶରୀରର ହାଡ ଦୁର୍ବଳ ହେବାକୁ ଆରମ୍ଭ କଲେ,ପ୍ରଥମେ ନିଜ ଖାଦ୍ୟ ପ୍ରତି ବିଶେଷ ଧ୍ୟାନ ଦିଅନ୍ତୁ। ଖାଦ୍ୟରେ କ୍ୟାଲସିୟମ ଓ ଭିଟାମିନ ଡି ଯୁକ୍ତ ଖାଦ୍ୟର ଅଭାବ ଥିଲେ ହାଡ ଦୁର୍ବଳ ହୋଇଯାଏ। ଜଙ୍କ୍ ଫୁଡ୍ ସ୍ୱାସ୍ଥ୍ୟ ଉପରେ ଅନେକ ପ୍ରଭାବ ପକାଇଥାଏ। ନିୟମିତ ଭାବେ ଏଭଳି ଖାଦ୍ୟର ସେବନ କରିବା ଦ୍ୱାରା କମ୍ ବୟସରେ ମଧ ହାଡ ଜନିତ ସମସ୍ୟା ସୃଷ୍ଟି ହୋଇଥାଏ। ତେଣୁ ନିୟମିତ କ୍ଷୀର ପିଅନ୍ତୁ। ଏହାଦ୍ୱାରା କ୍ୟାଲସିୟମ ଅଭାବ ପୂରଣ ହୋଇଥାଏ।

ଅଧିକାଂଶ କାର୍ଯ୍ୟାଳୟ ହେଉ ଅଥବା ଘରେ କାମ କରିବା କାରଣରୁ ଥକ୍କାପଣ ପାଇଁ ବ୍ୟାୟାମ ପ୍ରତି ଧ୍ୟାନ ଦେଇ ନଥାଆନ୍ତି। ଅଫିସରେ ଚେୟାରରେ ବସି ଘଣ୍ଟା ଘଣ୍ଟା କାମ କରିଥାଆନ୍ତି। ଏହାଦ୍ୱାରା ହାଡ ଦୁର୍ବଳ ହୋଇଥାଏ। ତେଣୁ ନିୟମିତ ଭାବେ ୩୦ ମିନିଟ୍ ଯାଏଁ ବ୍ୟାୟାମ କରନ୍ତୁ।

ବର୍ଷ-୨୬, ସଂଖ୍ୟା-୨୮୧
ଭୁବନେଶ୍ୱର
୧୮, ଅକ୍ଟୋବର, ୨୦୨୬, ରବିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-26, Issue No. 281
Bhubaneswar
18, October, 2026, Sunday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# କୋଲକାତା ଦଳାଚକଟା ୧୭ଜଣଙ୍କ ମୃତ୍ୟୁ

**କୋଲକାତା,୧୭।୧୦ (ମହାଭାରତ):** ଦୁର୍ଗାପୂଜା ପାଇଁ ପଶ୍ଚିମବଙ୍ଗରେ ଖୁସିର ମାହୋଲ ଥିବା ସମୟରେ ଆଜି କୋଲକାତାରେ ସପ୍ତମୀ ସନ୍ଧ୍ୟାରେ ଦୁର୍ଘଟଣା ଘଟିଛି। ଉତ୍ତର କୋଲକାତାର ?ଚୋରବାଗାନ ସାର୍ବଜନୀନ ଦୁର୍ଗାପୂଜା ମଣ୍ଡପର ଏକ ଭାଗ ଭୁଶୁଡ଼ି ପଡ଼ିଛି। ଜାତୀୟ ଗଣମାଧ୍ୟମର ରିପୋର୍ଟ ଅନୁସାରେ ଏହି ଅଭାବନୀୟ ଦୁର୍ଘଟଣାରେ ୧୭ ଜଣଙ୍କର ମୃତ୍ୟୁ ଘଟିଛି। ଏହି ଦୁର୍ଘଟଣାରେ ଅନେକ ଲୋକ ଆହତଙ୍କୁ ଉଦ୍ଧାର କରାଯାଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଛି।



ଦୁର୍ଘଟଣା ପରେ ପ୍ରଭାବିତ ସମସ୍ତ ଲୋକଙ୍କୁ ସୁରକ୍ଷିତ ଭାବେ ଉଦ୍ଧାର କରି କୋଲକାତା ମେଡିକାଲ କଲେଜ ଏବଂ ହସ୍ ?ପିଟାଲରେ ଭର୍ତ୍ତି କରାଯାଇଛି। ଘଟଣା ସଂପର୍କିତ ସୂଚନା ପାଇ ପୁଲିସ ଏବଂ ବିପର୍ଯ୍ୟୟ ପରିଚାଳନା ଅଧିକାରୀ ଘଟଣାସ୍ଥଳରେ ପହଞ୍ଚି ଥିଲେ। ପୂଜା ଆୟୋଜକ କମିଟି ମଧ୍ୟ ସ୍ଥିତିକୁ ଦୃଷ୍ଟିରେ ରଖି ଉଦ୍ଧାର କାର୍ଯ୍ୟରେ ନିୟୋଜିତ ଅଛନ୍ତି। ମୁଖ୍ୟମନ୍ତ୍ରୀ ଶୁଭେନ୍ଦୁ ଅଧିକାରୀ ଏବଂ ମୁଖ୍ୟ ଶାସନ ସଚିବ ମନୋଜ ଅଗ୍ରୱାଲ କୋଲକାତା ମେଡିକାଲରେ ପହଞ୍ଚି ଛନ୍ତି।

କୋଲକାତା ପୁଲିସ କହିଛି, ବର୍ଷା ସମୟରେ ପ୍ରବଳ ଭିଡ଼ କାରଣରୁ ବୋରବାଗାନର ଶାରଦା ପାର୍କ ପୂଜା ମଣ୍ଡପର ପ୍ରସ୍ଥାନ ଫାଟକ ନିକଟରେ ଦଳାଚକଟା ଘଟଣା ଘଟିଛି। ଏହି ଘଟଣା ଆଜି ସନ୍ଧ୍ୟା ପ୍ରାୟ ସାଢେ ୭ଟାରେ ଗିରିଶ ପାର୍କ ଥାନା ଅଞ୍ଚଳରେ ଘଟିଛି। ଦୁର୍ଘଟଣା ପରେ ସମସ୍ତ ଆହତଙ୍କୁ ତୁରନ୍ତ ଉଦ୍ଧାର କରି ମେଡକାଲରେ ଭର୍ତ୍ତି କରାଯାଇଛି। କଣ୍ଟ୍ରୋଲ ରୁମ୍, ଦମକଳ ବାହିନୀ, କୋଲକାତା ପୁଲିସ ଏବଂ ବିପର୍ଯ୍ୟୟ ପରିଚାଳନା ଗୋଷ୍ଠୀର ଟିମ୍ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ଆମ୍ବୁଲାନ୍ସ ସହିତ ମେଡିକାଲ ଟିମ୍ ମଧ୍ୟ ପଠାଯାଇଛି। ପରିସ୍ଥିତି ଭଲ ନଥିବାରୁ ପୂଜା ମଣ୍ଡପକୁ ବନ୍ଦ ରଖାଯାଇଛି। ସେଠାକୁ ଶ୍ରଦ୍ଧାଳୁମାନଙ୍କୁ ଯିବା ନେଇ ବାରଣ କରାଯାଇଛି।

ଦୁର୍ଗାପୂଜା ସମୟରେ ଘଟିଥିବା ଏହି ଦୁର୍ଘଟଣା ନେଇ ପଶ୍ଚିମବଙ୍ଗ ସରକାର ହେଲ୍ପଲାଇନ ନମ୍ବର ଜାରି କରିଛନ୍ତି। ଲୋକମାନେ ୧୮୦୦୩୪୫୫୬୭୮ ସହିତ ଯୋଗାଯୋଗ କରିବାକୁ ଅନୁରୋଧ କରାଯାଇଛି।

ଦୁର୍ଗାପୂଜା ମଣ୍ଡପରେ ଦଳାଚକଟା ନେଇ ପଶ୍ଚିମବଙ୍ଗର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଟିଏମ୍‌ସି ସୁପ୍ରିମୋ ମମତା ବାନାର୍ଜୀ କ୍ଷୋଭ ପ୍ରକାଶ କରିଛନ୍ତି। ସେ ଶୋକ ସନ୍ତପ୍ତ ପରିବାରକୁ ସମବେଦନା ଜଣାଇଛନ୍ତି।

ଦଳାଚକଟା ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶୋକ ପ୍ରକାଶ କରିଛନ୍ତି। ସାମାଜିକ ଗଣମାଧ୍ୟମ 'ଏକ୍ସ'ରେ ପିଏମ୍‌ଓ ପକ୍ଷରୁ ଲେଖାଯାଇଛି ଯେ, କୋଲକାତାରେ ଘଟିଥିବା ଦଳାଚକଟା ଘଟଣା ଅତ୍ୟନ୍ତ ଦୁଃଖଦାୟକ। ଯେଉଁମାନେ ନିଜର ପ୍ରିୟଜନଙ୍କୁ ହରାଇଛନ୍ତି, ସେମାନଙ୍କ ପ୍ରତି ସମବେଦନା ଜଣାଉଛି। ଆହତମାନେ ଶୀଘ୍ର ସୁସ୍ଥ ହୁଅନ୍ତୁ ବୋଲି ମୁଁ କାମନା କରୁଛି। ସ୍ଥାନୀୟ ପ୍ରଶାସନ ପକ୍ଷରୁ ପ୍ରଭାବିତ ଲୋକଙ୍କୁ ସମ୍ଭବପର ସମସ୍ତ ସହାୟତା ଯୋଗାଇ ଦିଆଯାଉଛି।

ପ୍ରଧାନମନ୍ତ୍ରୀ ମୋଦୀ ଘୋଷଣା କରିଛନ୍ତି ଯେ, ଏହି ଘଟଣାରେ ପ୍ରାଣ ହରାଇଥିବା ବ୍ୟକ୍ତିଙ୍କ ନିକଟତମ ସମ୍ପର୍କୀୟଙ୍କୁ 'ପିଏମ୍‌ଏନ୍‌ଆରଏଫ୍' (ଚଗଘଜରଃ) ପାଣ୍ଠିରୁ ୨ ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ପ୍ରଦାନ କରାଯିବ। ସେହିପରି ଆହତମାନଙ୍କୁ ୫୦,୦୦୦ ଟଙ୍କା ପ୍ରଦାନ କରାଯିବ।

ଦୁର୍ଗାପୂଜା ମଣ୍ଡପରେ ଘଟିଥିବା ଅଘଟଣ ନେଇ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ମଧ୍ୟ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ଦୁର୍ଘଟଣାରେ ଜୀବନ ହରାଇଥିବା ପରିବାର ଲୋକଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ଆହତମାନେ ଶୀଘ୍ର ସୁସ୍ଥ ହୋଇଯାଆନ୍ତୁ ବୋଲି କାମନା କରିଛନ୍ତି। ସେହିପରି ପଶ୍ଚିମବଙ୍ଗ ରାଜ୍ୟପାଳ ରବି କୋଲକାତା ଦୁର୍ଗାପଜୂ ମଣ୍ଡପରେ ଘଟିଥିବା ଅଘଟଣ ନେଇ ଗଭୀର ଶୋକ ପ୍ରକାଶ କରିଛନ୍ତି। ସେ ମୃତକଙ୍କ ପରିବାର ପ୍ରତି ସମବେଦନା ଜଣାଇବା ସହିତ ଆହତମାନେ ଶୀଘ୍ର ଠିକ୍ ହୋଇଯାଆନ୍ତୁ ବୋଲି କାମନା କରିଛନ୍ତି। ପୂର୍ବତନ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ମଧ୍ୟ ଏହି ଦଳାଚକଟା ଘଟଣା ନେଇ ଦୁଃଖ ପ୍ରକାଶ କରିଛନ୍ତି।




# ଭୁବନେଶ୍ୱରରେ ନବନିଯୁକ୍ତ ରାଜ୍ୟପାଳ, ଆଜି ଶପଥ



**ଭୁବନେଶ୍ୱର,୧୭।୧୦ (ମହାଭାରତ):** ଓଡ଼ିଶାର ନବ ନିଯୁକ୍ତ ରାଜ୍ୟପାଳ ବ୍ରଜ ମୋହନ ରାମ ଶନିବାର ଭୁବନେଶ୍ୱରରେ ପହଂଚିଛନ୍ତି। ଶନିବାର ଅପରାହ୍ନରେ ଭୁବନେଶ୍ୱର ବିମାନବନ୍ଦରରେ ପହଂଚିବା ପରେ ନୂଆ ରାଜ୍ୟପାଳଙ୍କୁ ବାଚସ୍ପତି ଶ୍ରୀମତୀ ସୁରମା ପାଢୀ ଏବଂ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସ୍ୱାଗତ ଜଣାଇଥିଲେ। ଭୁବନେଶ୍ୱରରେ ପହଂଚିବା ପରେ ରାଜ୍ୟପାଳ ସିଧାସଳଖ ପୁରୀ ଗସ୍ତରେ ଯାଇଛନ୍ତି। ସେଠାରେ ସେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କୁ ଦର୍ଶନ କରିବାର କାର୍ଯ୍ୟକ୍ରମ ରହିଛି। ଆସନ୍ତାକାଲି (ରବିବାର) ସକାଳେ ରାଜ୍ୟପାଳ ଭୁବନେଶ୍ୱର ଫେରି ଲୋକ ଭବନକୁ ଯିବେ। ସେଠାରେ ଆୟୋଜିତ ସ୍ୱତନ୍ତ୍ର ଉତ୍ସବରେ ରାଜ୍ୟପାଳ ଶପଥ ଗ୍ରହଣ କରିବେ।

ରାଜ୍ୟପାଳଙ୍କ ଗସ୍ତ ନେଇ ଏକ୍ସରେ ପୋଷ୍ଟ କରି ମୁଖ୍ୟମନ୍ତ୍ରୀ ଲେଖିଛନ୍ତି ଭୁବନେଶ୍ୱର ବିମାନବନ୍ଦରରେ ଓଡ଼ିଶାର ଭାବୀ ରାଜ୍ୟପାଳ ଶ୍ରୀ ବ୍ରଜ ମୋହନ ରାମ ଜୀଙ୍କୁ ସ୍ୱାଗତ କଲି। ସମୃଦ୍ଧ, ସମାବେଶୀ ଓ ବିକଶିତ ଓଡ଼ିଶା ଗଠନ ଦିଗରେ ଆମର ସାମୂହିକ ପ୍ରୟାସରେ ତାଙ୍କର ମାର୍ଗଦର୍ଶନ ଓ ସହଯୋଗ କାମନା କରୁଛି। ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରେ ତାଙ୍କର ସଫଳ ଓ ଗରିମାମୟ କାର୍ଯ୍ୟକାଳ କାମନା କରୁଛି।

ନବ ନିଯୁକ୍ତ ରାଜ୍ୟପାଳ ବ୍ରଜମୋହନ ରାମ ପୁରୀରେ ପହଂଚି ଶ୍ରୀ ଜୀଉ ମାନଙ୍କ ଦର୍ଶନ କରିଛନ୍ତି।ପ୍ରଥମେ ମାନ୍ୟବର ନବ ନିଯୁକ୍ତ ରାଜ୍ୟପାଳ ସସ୍ତ୍ରୀକ ଲୋକ ଭବନ ଠାରେ ପହଂଚିବା ପରେ ପୁରୀ ଲୋକସଭା ସାଂସଦ ଡା ସମ୍ବିତ ପାତ୍ର, ପିପିଲି ବିଧାୟକ ଆଶ୍ରିତ ପଟ୍ଟନାୟକ, ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡା, ଏସପି ପ୍ରତୀକ ସିଂ ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରିଥିଲେ।ପରେ ନବ ନିଯୁକ୍ତ ରାଜ୍ୟପାଳ ଶ୍ରୀମନ୍ଦିର ଆସି ମହାପ୍ରଭୁଙ୍କ ଦର୍ଶନ କରି ଓଡିଶା ବାସୀଙ୍କ ମଙ୍ଗଳ କାମନା କରି ପ୍ରାର୍ଥନା କରିଥିଲେ।ମନ୍ଦିର ନିକଟରେ ମନ୍ଦିର ପ୍ରଶାସନ ପକ୍ଷରୁ ସ୍ୱାଗତ କରାଯିବା ସହ ମହାପ୍ରଭୁଙ୍କ ଖଣ୍ଡୁଆ ପାଟ ପ୍ରଦାନ କରାଯାଇଥିଲା।ଶ୍ରୀମନ୍ଦିର ନିତି ପ୍ରଶାସକ ପ୍ରିୟ ରଞ୍ଜନ ପୃଷ୍ଟି, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ,ଅତିରିକ୍ତ ଏସପି ସୌମ୍ୟ ରଞ୍ଜନ ମଲ୍ଲିକ ପ୍ରମୁଖ ଦର୍ଶନ ରେ ସହଯୋଗ କରିଥିଲେ।

# ଭିଜିଲାନ୍ସ ଜାଲରେ ଅଧୀକ୍ଷଣ ଯନ୍ତ୍ରୀ

**କଟକ,୧୭।୧୦ (ମହାଭାରତ):** ବିଭିନ୍ନ ଠିକାଦାରଙ୍କଠାରୁ ଲାଂଚ ଆଦାୟ କରାଯାଉଥିବା ନେଇ ମିଳିଥିବା ସୂଚନା ଆଧାରରେ ଓଡ଼ିଶା ଭିଜିଲାନ୍ସ ବିଭାଗ ବିଳମ୍ବିତ ରାତିରେ ଚଢ଼ାଉ କରିଛି। ଏହି କାର୍ଯ୍ୟାନୁଷ୍ଠାନରେ ମହାନଦୀ ଉତର ଡିଭିଜନ, ଜଗତପୁର, କଟକର ସୁପରିଂଟେଣ୍ଡିଂ ଇଞ୍ଜିନିୟର ପ୍ରସନ୍ନଜିତ ଦାସଙ୍କ ନିକଟରୁ ମୋଟ ୨୧ ଲକ୍ଷ ୮୮ ହଜାର ୬୨୦ ଟଙ୍କା ଅଘୋଷିତ ନଗଦ ଜବତ କରାଯାଇଛି। ସୂଚନା ଅନୁସାରେ, ଶ୍ରୀ ଦାସ ଏକ ସରକାରୀ ଭାବେ ନିଯୁକ୍ତ ବୋଲେରୋ ଗାଡ଼ିରେ ଯାଉଥିବାବେଳେ ଗତକାଲି ବିଳମ୍ବିତ ରାତିରେ ଭୁବନେଶ୍ୱରର ଏଜି ଛକ ନିକଟରେ ଭିଜିଲାନ୍ସ ଅଧିକାରୀମାନେ ତାଙ୍କୁ ଅଟକାଇଥିଲେ। ତାଙ୍କ ନିକଟରୁ ହିସାବ ଦେଇପାରିନଥିବା ୭ ଲକ୍ଷ ୨୮ ହଜାର ୬୨୦ ଟଙ୍କା ନଗଦ ମିଳିଥିଲା। ଏହାପରେ ଆଜି ସକାଳେ ଭୁବନେଶ୍ୱରର ଘାଟିକିଆସ୍ଥିତ ଟ୍ରାଇଡେଂଟ ଗାଲାକ୍ସିର ଫ୍ଲାଟ୍ ନମ୍ବର ଡି-୪୦୧ରେ ଥିବା ତାଙ୍କ ଭଡ଼ା ଘର ଏବଂ ବରଗଡ଼ ସ୍ଥିତ ପୈତୃକ ଘରେ ଏକକାଳୀନ ତଲାସି କରାଯାଇଥିଲା। ଭଡ଼ା ଘରର ତଲାସି ସମୟରେ ଆଉ ୧୪ ଲକ୍ଷ ୬୦ ହଜାର ଟଙ୍କା ନଗଦ ଜବତ ହୋଇଛି।






# ଫରେନ ଫଣ୍ଡିଂ ଲାଇସେନ୍ସକୁ ବାତିଲ

ଦେଶରେ ଏକ ଅଣ-ରାଜନୈତିକ ମଧ୍ୟବର୍ତ୍ତୀକାଳିନ ସରକାର ଚାଲିଛି। ଆସନ୍ତା ମାର୍ଚ୍ଚରେ ଦେଶରେ ସାଧାରଣ ନିର୍ବାଚନ ହେବ। ସେ ପର୍ଯ୍ୟନ୍ତ ନେପାଳରେ ଏହି କାମଚଳା ସରକାର ଚାଲିବ। ନେପାଳ ପୂର୍ବରୁ ବାଂଲାଦେଶ ଏବଂ ଶ୍ରୀଲଙ୍କାରେ ମଧ୍ୟ ଅନୁରୂପ ଜନ ଅସନ୍ତୋଷ ବିସ୍ଫୋରକ ରୂପ ନେଇଥିଲା ଏବଂ ଆନ୍ଦୋଳନ ହିଂସାତ୍ମକ ରୂପ ନେବା ପରେ ସରକାର ବଦଳି ଯାଇଥିଲା। ନେପାଳରେ ଏଭଳରି ଜନ ଆନ୍ଦୋଳନ ଜନିତ ହିଂସାରେ ସରକାର ବଦଳିଯିବା ଘଟଣା ଭାରତରେ ଅନେକଙ୍କୁ ବେଶ ଉତ୍ସାହିତ କରିଛି। ଭାରତରେ ମଧ୍ୟ ଏପରି ଏକ ଜନଆନ୍ଦୋଳନ ହେବ, ହିଂସାକାଣ୍ଡ ସୃଷ୍ଟି ହେବ, ପୋଡ଼ାଜଳା ହେବ, ଗୁଳିରେ ଅନେକ ପ୍ରାଣ ହରାଇବେ, ଦେଶରେ ଅରାଜକତା ସୃଷ୍ଟି ହେବ, ସରକାର ବଦନାବମ ହେବ ଏବଂ ନେପାଳ ଭଳି ଭାରତରେ ମଧ୍ୟ ଏକ ନିର୍ବାଚିତ ସରକାରର ପତନ ହେବ ବୋଲି ଅନେକ ଏବେ ସ୍ୱପ୍ନ ଦେ୍ଖୁଛନ୍ତି। କିନ୍ତୁ ସେମାନେ ମନେ ରଖିବା ଉଚିତ ଯେ, ନେପାଳ, ବାଂଲାଦେଶ ଏବଂ ଶ୍ରୀଲଙ୍କା ଅତି ଛୋଟ ଦେଶ ଏବଂ ଭାରତ ଏକ ବିରାଟ ଦେଶ। ଭାରତର ଅର୍ଥନୀତି ବେଶ ସୁଦୃଢ଼ ଏବଂ ଏଠାରେ ଏକ ଲୋକପ୍ରିୟ ସରକାର ଚାଲିଛି। ଏହି ସରକାର ପଛରେ ଜନସମର୍ଥନ ରହିଛି। ଜନ ଆନ୍ଦୋଳନ ନାମରେ ଅରାଜକତା ସୃଷ୍ଟି କରି ସରକାରଙ୍କୁ ଏଠାରେ ହଟାଯାଇପାରିବ ନାହିଁ। ଯେଉଁମାନେ ପ୍ରତ୍ୟକ୍ଷ ନିର୍ବାଚନରେ ନରେନ୍ଦ୍ର ମୋଦିଙ୍କୁ ପରାଜିତ କରିପାରୁନାହାଁନ୍ତି, ସେମାନେ ଏବେ ଭାରତରେ ଷଡ଼ଯନ୍ତ୍ର କରି ମୋଦି ସରକାରଙ୍କୁ ହଟାଇବାକୁ ସ୍ୱପ୍ନ ଦେଖୁଛନ୍ତି ଯାହା କେବେ ବି ପୂରଣ ହୋଇପାରିବ ନାହିଁ। ଏଭଳି ସ୍ୱପ୍ନ ଦେଖୁଥିବା ବ୍ୟକ୍ତିଙ୍କ ପଛରେ କିଛି ଭାରତ ବିରୋଧୀ ଶକ୍ତି ଏବଂ ବିଦେଶୀ ରାଷ୍ଟ୍ର ଅଛନ୍ତି। ଅତୀତରେ ସିଏଏ ବିରୋଧୀ ଆନ୍ଦୋଳନ ଏବଂ କୃଷକ ଆନ୍ଦୋଳନକୁ ସେମାନେ ଉସୁକାଇ ଭାରତରେ ଅରାଜକତା ସୃଷ୍ଟି କରିବା ଏବଂ ମୋଦି ସରକାରଙ୍କୁ ବଦନାମ କରି କ୍ଷମତାଚ୍ୟୁତ କରିବା ନିମନ୍ତେ ପ୍ରୟାସ କରାଯାଇଥିଲା। କୃଷକ ଆନ୍ଦୋଳନ ପଛରେ କାନାଡ଼ାର ଖଲିସ୍ତାନୀ ଉଗ୍ରବାଦୀଙ୍କ ହାତ ରହିଥିଲା। କିଛି ତଥାକଥିତ ସାମାଜିକ କର୍ମୀ ଏବଂ ସ୍ୱେଚ୍ଛାସେବା ଏହାକୁ କେବଳ ସମର୍ଥନ କରୁନଥିଲେ, ବରଂ ଏଥିଲାଗି ଆର୍ଥିକ ସହାୟତା ମଧ୍ୟ ପ୍ରଦାନ କରୁଥିଲେ। ଏମାନଙ୍କ ମଧ୍ୟରେ ଜଣେ ଥିଲେ ଗ୍ରେଟା ଥନବର୍ଗ। ସେ ଭାରତର ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ଖେଳାଇ ଅଯଥାରେ ନିଜ ଶକ୍ତି ଓ ସମୟ ଅପଚୟ କଲେ। କିନ୍ତୁ ତାଙ୍କ ଷଡ଼ଯନ୍ତ୍ର ବିଫଳ ହେଲା। ଏବେ ଭାରତର ଏକ ସୀମାବର୍ତ୍ତୀ ଅଞ୍ଚଳ କେନ୍ଦ୍ର ଶାସିତ ଲଦାଖରେ ଠିକ ଏହି ଭଳି ଭାରତ ବିରୋଧୀ ଶକ୍ତି ସକ୍ରିୟ ହେବା ଦେଖାଯାଉଛି। ଲଦାଖର ପରିବେଶ କର୍ମୀ ସୋନମ ୱାଙ୍ଗଚୁକ ଲଦାଖକୁ ରାଜ୍ୟମାନ୍ୟତା ପ୍ରଦାନ କରିବା ଏବଂ ଏହାକୁ ସମ୍ବିଧାନର ୬ଷ୍ଠ ଅନୁଚ୍ଛେଦରେ ସାମିଲ କରିବା ଦାବିରେ ଅନଶନ କରୁଥିଲେ। କିଛି ଦିନ ତଳେ ସେ ଜନସଭାକୁ ଉଦବୋଧନ ଦେଇ ଭାରତରେ ନେପାଳ ଭଳି ଜେନ-ଜି ଆନ୍ଦୋଳନ ହେବା ଉଚିତ ବୋଲି କହିଥିଲେ। ତାଙ୍କର ଏହି ଉତ୍ତେଜନାମୂଳକ ଭାଷଣରେ ପ୍ରଭାବିତ ହୋଇ ଅନେକ ଯୁବକ ରାସ୍ତାକୁ ଓହ୍ଲାଇଲେ ଏବଂ ହିଂସାରେ ୪ଜଣ ପ୍ରାଣ ହରାଇଲେ। ଏହା କଦାପି ଗ୍ରହଣୀୟ ନୁହେଁ। ଏହି ୪ଜଣଙ୍କ ଜୀବନ ସୋନମ ୱାଙ୍ଗଚୁକ ଫେରାଇ ଆଣିପାରିବେ କି ? ଏହି ଘଟଣା ପରେ ସୋନମଙ୍କୁ ଜାତୀୟ ସୁରକ୍ଷା ଆଇନ ବଳରେ ଗିରଫ କରାଯାଇଥିଲା। ତାଙ୍କ ଦ୍ୱାରା ପରିଚାଳିତ ଏନଜିଓର ଫରେନ ଫଣ୍ଡିଂ ଲାଇସେନ୍ସକୁ ବାତିଲ କରାଯାଇଛି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ଲଦାଖ ଏକ ଅତି ଛୋଟ ଏବଂ ଶାନ୍ତିପୂର୍ଣ୍ଣ ଅଞ୍ଚଳ। ଏହାର ଲୋକସଂଖ୍ୟା ମଧ୍ୟ ଯଥେଷ୍ଟ କମ। ହିମାଳୟ ଉପତ୍ୟାରେ ଅବସ୍ଥିତ ଏହି ଅଞ୍ଚଳକୁ ଜାମ୍ମୁ-କାଶ୍ମୀରରୁ ଅଲଗା କରି ଏକ କେନ୍ଦ୍ର ଶାସିତ ଅଞ୍ଚଳ କରାଯାଇଛି। ଏଥିପାଇଁ ନରେନ୍ଦ୍ର ମୋଦି ସରକାରଙ୍କୁ ଲଦାଖବାସୀ ଧନ୍ୟବାଦ ଦେବା ଉଚିତ। ଲଦାଖବାସୀ ଅନ୍ୟ କିଛି ଚାହୁଁନାହାଁନ୍ତି। କିନ୍ତୁ ସୋନମ ୱାଙ୍ଗଚୁକଙ୍କ ଭଳି କିଛି ନେତା ଲୋକଙ୍କୁ ବିଭ୍ରାନ୍ତ କରୁଛନ୍ତି। ଗତ ବର୍ଷ ଫେବୃଆରୀ ମାସରେ ସେ ପାକିସ୍ତାନ ଯାଇଥିଲେ।

"ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ।

# ଦୂତଙ୍କୁ କଷ୍ଟଦେବା ଶାସ୍ତ୍ର ବିରୁଦ୍ଧ

॥ ଅଜୟ କୁମାର ବେହେରା ॥

ରାମାୟଣରେ ଦୁଇଟି ଦୂତଙ୍କର ବିଶେଷ ତଥ୍ୟ ରହିଛି ପ୍ରଥମ ହନୁମାନ ଦ୍ୱିତୀୟ ଅଙ୍ଗଦ। ପ୍ରଭୁ ଶ୍ରୀରାମଙ୍କ ସେ ଥିଲେ ଦୂତ ବା ଦୌତ୍ୟ ପ୍ରତିନିଧି। ଦୁଇ ମୁଖ୍ୟଙ୍କ ମଧରେ ପରସ୍ପର ଭାବ ଆଦାନ ପ୍ରଦାନ କରିବା ପାଇଁ ମାଧ୍ୟମ ଏଇ ଦୂତ। ଏକ ସ୍ଥାନରୁ ଅନ୍ୟ ସ୍ଥାନ ନିଶ୍ଚେ କିଛି ଦୂର ପ୍ରତି ସ୍ଥାନରେ ଆଚରଣ ଲୋକଚାର କିନ୍ତୁ ନିୟମ କାନୁନ, ଧର୍ମାଚରଣ, କଥିତ ଭାଷା ଓ ଲିଖିତ ଭାଷା ଭିନ୍ନ ହୋଇଥାଏ। ଏକ ରାଜ୍ୟ ମଧରେ ଭାଷା ଭିନ୍ନ ଏବେ ଜଣାପଡୁଛି। ରାଜ୍ୟରୁ ରାଜ୍ୟାନ୍ତର ଭାଷା ମଧ ଏପରି ହୋଇଥାଏ। ଦେଶରୁ ଦେଶାନ୍ତର ଭାଷା ସଂସ୍କୃତି ନିଶ୍ଚେ ଭିନ୍ନ। କଟକ ଭାଷା ପଶ୍ଚିମ ଓଡ଼ିଶା ଦକ୍ଷିଣ ଓଡ଼ିଶା, ଉତ୍ତର ଓଡ଼ିଶାର କଥିତ ତଫାତ ଭାଷା ଏବେ ପଡୁଛି। ଉତ୍ତର ଭାରତର ହିନ୍ଦୀଭାଷା ମାତ୍ର ତାମିଲନାଡୁରେ ତାମିଲଭାଷା ଆନ୍ଧ୍ରରେ, କର୍ଣ୍ଣାଟକ, କେରଳରେ ମହାରାଷ୍ଟ୍ର, ଗୁଜୁରାଟରେ ଭିନ୍ନ ଭିନ୍ନ ଭାଷା। ଯଦି ଏକ ରାଜ୍ୟର ଜଣେ କର୍ତ୍ତା। ଅନ୍ୟ ରାଜ୍ୟର କର୍ତ୍ତାଙ୍କ ନିକଟକୁ କୌଣସି ସମ୍ବନ୍ଧ ସ୍ଥାପନ ପାଇଁ ଚେଷ୍ଟା କରନ୍ତି ଏପାଇଁ ସେ ଭାଷା ଜ୍ଞାତ ହେବା ଦରକାର। ଏଥିପାଇଁ ଦୋଭାଷୀ ବା ବହୁଭାଷୀ ଜ୍ଞାନ ଥିବା ବ୍ୟକ୍ତିର ଆବଶ୍ୟକ। ଯେ ଜଣଙ୍କର ଭାଷା ଅନ୍ୟ ଜଣଙ୍କୁ ବୁଝାଇବାରେ କଷ୍ଟ ହୁଏନାହିଁ। ଶ୍ରୀରାମଙ୍କ ଘର ହିନ୍ଦୀ ଭାଷୀ ଅଯୋଧ୍ୟା, ରାବଣଙ୍କର ଘର ଲଙ୍କା ଯେଉଁଠି ହିନ୍ଦୀ ଅବଧି ଭାଷା ଯାହା ତାମିଲଭାଷା ଓ ସିଂହଳୀ ଭାଷା। ଏହି କ୍ଷେତ୍ରରେ ଯାଇଥିବା ଦୂତ କେମିତି ତାଙ୍କୁ ବୁଝାଇବେ ? ଏହା ଏକ ସମୟ, ଏକ ଭାଷାର ତତସମ ଶବ୍ଦ ଅନ୍ୟଙ୍କର ବୋଧ ଭାଷାରେ ବୁଝାଇବା ପାଇଁ ଦୋଭାଷୀ କଥକଙ୍କର ନିହାତି ଦୁଇ ଭାଷାର ଅଭିଧାନ ଜ୍ଞାନ ଥିବା ଦରକାର। ଦୁଇ ରାଜ୍ୟ ବା ଦୁଇ ଦେଶର ମାଧମିକ ରାଜ୍ୟ ଦୁଇ ସୀମା ଭାଷା ପାଇଁ ଅନେକ ଲୌକିକ ଜ୍ଞାନ ଆହରଣ କରିଥାନ୍ତି। ଏ ସମୟରେ ଶୁଦ୍ଧ ହିନ୍ଦୀ ଓ ତାମିଲ ସିଂହଳୀ ଭାଷାରେ ଦୁଇ ପକ୍ଷ କଥୋପକଥନ ହେଲେ କେବେ ଭାବ ବୁଝି ହେବନାହିଁ ଏଥିପାଇଁ ଅନେକ ସ୍ଥଳରେ ମାଧ୍ୟମ ଭାଷା ଇଂରାଜୀ ରହିଛି। ଭାରତରେ ଜାତୀୟ ଭାଷା ପୂର୍ବରୁ ସଂସ୍କୃତ ଭାଷା ଥିଲା ହେଲେ ଗଣତନ୍ତ୍ର ପ୍ରାସନରେ ହିନ୍ଦୀ ଭାଷାକୁ ଜାତୀୟ ଭାଷା କରାଯାଇଛି। ଏହାବାଦ ଅନେକ ଆଞ୍ଚଳିକ ଲିଖିତ ଓ କଥିତ ଭାଷା ଅଛି, ପୂର୍ବେ ସ୍ଥିର ଲିଖିତ ଭାଷା ନଥିଲା ଓ ପ୍ରତ୍ୟେକ ଭାଷାକୁ ଅନ୍ୟ ଭାଷାରେ କିପରି ବୁଝାଯାଇ ଭାବ ପ୍ରକାଶ କରାଯାଇ ପାରିବ ଏ ସମସ୍ୟା ଥିଲା। ଅନେକ ଭାଷାରେ ଠାର ଭାଷା ଅଛି, ଆମ ଓଡ଼ିଆ ଭାଷାରେ କରଣୀ ଭାଷା ଥିଲା। ଲୋକେ ଦର୍ପଣୀ ଭାଷା ଓ ଶଶିଠାରରେ ଭାଷା ବୁଝିବା ଥିଲା। ମାତ୍ର ଆଉ ଏକ ଭାଷା ରହିଛି ଯାହା ଶରୀରର ଅଙ୍ଗଭଙ୍ଗୀର ଭାଷା ଓ ହୃଦୟର ଭାଷା ଯେତେବେଳେ ବିଦେଶୀ ସମୁଦ୍ର ଜଳପଥରେ ଜଳଯାତ୍ରାରେ ଆସି ଭାରତ ଭୂଖଣ୍ଡରେ ପହଞ୍ଚି ଥିଲେ ସେମାନଙ୍କୁ ସାଗର ତଟଲୋକେ ଶତ୍ରୁ ଭାବି କିଛି କ୍ଷେପଣ କରି (ଇଟା, ପଥର, ଟେକା) ଫୋପାଡ଼ି ବ୍ୟସ୍ତ କରୁଥିଲେ ହେଲେ ତାଙ୍କ ପାଖରେ ରକ୍ଷା ପାଇବାକୁ ତତ୍କାଳ କିଛି ଉପାୟ ନଥିଲା ସେମାନେ ସଙ୍ଗରେ ନେଇ ଆସିଥିବା ଆଳୁକୁ ଫିଙ୍ଗି ଥିଲେ। ସ୍ଥାନୀୟ ବାସିନ୍ଦାମାନେ ଏହା କ'ଣ ? ଜାଣିବା ପାଇଁ ତାଙ୍କୁ ପଚାରିବା ଚେଷ୍ଟା କଲେ ତାପରେ ଆସିଲା ମିତ୍ରତା ଓ ଆଳୁର ପ୍ରୟୋଗ ଚାଷ ଇତ୍ୟାଦି। ଏମିତି ହାକିମୀ ଚିକିତ୍ସାର ଉପକାର ନମିଳିବା ସ୍ଥଳେ ପାଶ୍ଚାତ୍ୟ କନ୍ୟାର ଦାରୁଣ ରୋଗ ଆରୋଗ୍ୟ କାରଣରୁ ଏଥିରେ ବ୍ରିଟିଶ ଦୂତମାନେ ଭାରତରେ ରାଜ୍ୟ ଅନୁକମ୍ପା ପାଇଥିଲେ।

ଚକ୍ଷୁ ଦ୍ୱାରା ଅନେକ ଭାଷା ପ୍ରେମୀଯୁଗଳ ମଧରେ ବୁଝାପଡ଼େ। ଅନେକ ଯୁବତୀଙ୍କୁ ଇଙ୍ଗିତ ଚକ୍ଷୁରେ ଦୁଷ୍ଟ ଅଭଦ୍ର ଯୁବକ ଦେଇଥାନ୍ତି। ତ୍ରେତା ଯୁଗରେ ଋଷିମୂନୀମାନେ ଥିଲେ। ଋଷିମାନେ ସଂସ୍କୃତ ଭାଷାରେ ସବୁ ଶାସ୍ତ୍ର ଲେଖିଛନ୍ତି ଓ ପଢୁଥିବା ବେଦ ବା ପ୍ରୟୋଗ କରୁଥିବା ବେଦମନ୍ତ୍ର ସଂସ୍କୃତରେ ଥିଲା ସେମାନେ ତାଙ୍କର ଛାତ୍ର ମାନଙ୍କୁ ସଂସ୍କୃତ ମାର୍ଫତ ପଢ଼ାଉଥିଲେ। ଏମିତିକି ଶ୍ରୀରାମ ଓ ତାଙ୍କର ଭାଇମାନେ ସଂସ୍କୃତରେ ପଢ଼ିଛନ୍ତି। ରାବଣ, କୁମ୍ଭକର୍ଣ୍ଣ, ବିଭୀଷଣ ଆଦି ଋଷିକୁମାର, ବିଶ୍ରବା ଋଷିଙ୍କର ସେମାନେ ସନ୍ତାନ ଏମାନେ ବି ସଂସ୍କୃତ ପାଠ କରିଛନ୍ତି। ହେଲେ ତାଙ୍କର ମାମୁଁଘର ଭାଷା ଥିଲା ଭିନ୍ନ ଆଚାର, ବ୍ୟବହାର, ଜୀବନଧାରଣର ମାନ ଥିଲା ଭିନ୍ନ ଖାଦ୍ୟ ଭକ୍ଷଣ ଥିଲା ଭିନ୍ନ। ହନୁମାନ ଜଣେ ଏମିତି ବ୍ୟକ୍ତି ସେ ପ୍ରଖ୍ୟାତ ସଂସ୍କୃତ ପଣ୍ଡିତ ଜ୍ଞାନୀ ମାନଙ୍କର ଅଗ୍ରଗଣ୍ୟ। ଅନେକ ଭାଷାରେ ଜ୍ଞାତ ଥିଲେ ହେଲେ ଏକ ଶବ୍ଦର ନାନାଦି ଅର୍ଥ ବିଶ୍ଳେଷଣ ଥିବାରୁ ରାବଣ ସହିତ ତାଙ୍କର ଯୁକ୍ତିତର୍କ ହୋଇଥିଲା। ହନୁମାନଙ୍କ ବୋଧରେ ରାବଣଙ୍କ ଭାଷା ଶୈଳୀ ପ୍ରୟୋଗ ଜାଣି ତାର ଅନେକ କଥାରେ ହଁ ଭରି ନିଜ ଲାଞ୍ଜରେ ଅଗ୍ନୀ ସଂଯୋଗ ପାଇଁ ରାଜି ହୋଇଥିଲେ ଯାହା ହନୁମାନ ଜଣେ ଦୂତ ସେ ଅବଧ୍ୟ ତାଙ୍କୁ ରାବଣ ବିକଳାଙ୍ଗ ଚେଷ୍ଟା ଭାବନା ଓଲଟ ହୋଇ ସ୍ୱର୍ଣ୍ଣଲଙ୍କା ଦଗ୍ଧୀଭୂତ ହୋଇଥିଲା। ରାବଣ ଦୂତକୁ କଷ୍ଟ ଦେଇ ଶ୍ରୀରାମଙ୍କୁ ନିଜ ବଳ ପରାକ୍ରମ ସୂଚନା ଦେବା ଚିନ୍ତା ଫସର ଫାଟି ଯାଇଥିଲା। ମନ୍ତ୍ରୀ ସଚିବ ସବୁରାଜା ପ୍ରଶାସକଙ୍କର ରହିଛି। ରାଜହତ ଅଛନ୍ତି, ରାଜ ପ୍ରତିନିଧି ଅଛନ୍ତି। ରାଜଧାନୀ ସଦାବ୍ୟସ୍ତ ରାଜା ବା ମୁଖ୍ୟ ପ୍ରଶାସକ କେବେ ସର୍ବତ୍ର ଚାହିଁଲେ ବି ଯାଇ ନପାରନ୍ତି। ଏପାଇଁ ଅତି ଦରକାରୀ କାମରେ ଚିଫ ସେକ୍ରେଟାରୀ, ଜିଲ୍ଲା କଲକ୍ଟେର, ହସିଲଦାର, ବିଡ଼ିଓଙ୍କୁ ତାଙ୍କର ଆଦେଶ ଫରମାନ ପ୍ରୟୋଗ ପାଇଁ ସଦା ଲଗାଉଛନ୍ତି। ପୋଲିସ ପ୍ରଶାସନରେ ପ୍ରତି ଥାନାଦାରଙ୍କ ମାର୍ଫତ ରାଜକାନୁନ ବିବରଣୀ ଜଣାଇ କାମରେ ଲଗାଉଛନ୍ତି। ନେତାମାନେ ଏମ୍.ପି ହେଲେ ଦଲ୍ଲୀରେ, ଏମଏଲଏ ହେଲେ ରାଜଧାନୀରେ ରହି ତାଙ୍କର ପ୍ରତିନିଧିଙ୍କ ଦ୍ୱାରା ନିର୍ବାଚନ ମଣ୍ଡଳୀରେ ସ୍ୱ ସ୍ୱ ଇପସିତ ଉନ୍ନତିକରଣ ଫରମାନ ଲଗାଇ କାର୍ଯ୍ୟ କରୁଛନ୍ତି। ଦିଲ୍ଲୀର ବାଦଶାମାନେ ସର୍ବତ୍ର ଯିବା ସମ୍ଭବ ନଥିଲା ତାଙ୍କର ଆଦେଶରେ ଦେଶ ସାରା ବାଦଶା କାନୁନ ଜାହିରି କରୁଥିଲେ। ବ୍ରିଟିଶ ରାଜ୍ୟର ପ୍ରତିନିଧି ଭାରତରେ ଲର୍ଡ଼ ଥିଲେ ଏଇ ଲର୍ଡମାନେ ଜମିଦାର ରାଜାଙ୍କ ଦ୍ୱାରା ଖଜଣା କର ଆଦାୟ କରୁଥିଲେ। ଲୋକେ ରାଜ ଭୟରେ ବାଧ୍ୟ ହୋଇ କର ବାନ୍ଧୁଥିଲେ ନ ହେଲେ କାର୍ଯ୍ୟାନୁଷ୍ଠାନ ଜମି ବା ରାଜ୍ୟ ତାଲୁକ ନିଲାମ ହେଉଥିଲା ଅତଏବ ରାଜ ପ୍ରତିନିଧି ସଦା ଥିଲେ ଏବେ ଅଛନ୍ତି। ଜଣେ ରାଜ୍ୟ ମୁଖ୍ୟଙ୍କ ଯାତ୍ରାପଥରେ ଯେତେ ନିରାପତ୍ତାରକ୍ଷୀ କାମ କରନ୍ତି ତାଙ୍କର ଆଦେଶ ଜାହିର କରିବା ପାଇଁ ସେତେ ଦରକାର ନାହିଁ। ତାପରେ ମନ୍ତ୍ରଣା ଦାତାଙ୍କୁ ମୂଳ ଆଦେଶ ଦେଇ ତାହା କେମିତି କାମ କରିବ ଏହା ତାଙ୍କ ବୁଦ୍ଧି କରାମତିରେ କହିବାକୁ ପରାମର୍ଶ ଦେଇଥାନ୍ତି। ଦୂତ ବିଶ୍ୱାସର ପାତ୍ର ବା ଯାତ୍ରୀ, ସ୍ତ୍ରୀଲୋକ ଦୂତୀ କାର୍ଯ୍ୟ କରିପାରନ୍ତି। ରାଜ ଅନ୍ତଃପୁରର ଅଳି ଅଳି ରାଜକୁମାରୀ ସହ ଭିନ୍ନ ଦେଶର ରାଜକୁମାର ସମ୍ବନ୍ଧ ଦୂତୀମାନେ କରୁଥିଲେ। ହଂସଦୂତ, ମେଘଦୂତ ସମ୍ବନ୍ଧରେ ସଂସ୍କୃତ କାବ୍ୟରେ ଉଦାହରଣ ଅଛି, ଶ୍ରୀକୃଷ୍ଣ ଶ୍ରୀରାଧାଙ୍କ ମଧରେ ସମ୍ବନ୍ଧ ଦୂତୀଙ୍କ ଦ୍ୱାରା ହେଉଥିଲା। ଯୋଗବଳାଙ୍କ ମଧରେ ଦୂତୀ ଥିଲେ। ଦୂତୀ କାର୍ଯ୍ୟରେ ମାଲୁଣୀ, ବାରିକଆଣି, ଧୋବଣୀ ବ୍ୟବହାରରେ ଆସୁଥିଲେ। ପାରାପକ୍ଷୀ ଦୂତ କାର୍ଯ୍ୟ କରିବା ସମସ୍ତେ ଜାଣନ୍ତି। ଏବେ ମଧ ପାରାପକ୍ଷୀ ଦୂତ କାମରେ ଆସୁଛନ୍ତି। ନିମନ୍ତ୍ରଣ କରିବା କାର୍ଯ୍ୟ ଦୂତ ଦ୍ୱାରା କରାଯାଏ ଏ କାମ ନାପିତମାନେ ତୁଲାଉ ଥିଲେ। ଡାକ ବିଭାଗ ଦୂତକାର୍ଯ୍ୟ କରୁଛନ୍ତି। ପ୍ରେରକ ଗ୍ରାହକ ମଧରେ ଯୋଗସୂତ୍ର ଡାକ ବିଭାଗ କରି ଆସୁଛି। ମୁଦ ଚିଠି, ଖୋଲାଚିଠି, ବେରିଂ ଚିଠି, ରେଜେଷ୍ଟ୍ରି ଚିଠି, ପାର୍ସଲ, ମନିଅର୍ଡ଼ର ସବୁ ଗ୍ରାହକ ପାଇବା ଦୂତ ଦ୍ୱାରା ହିଁ ସାଧିତ ହେଉଛି। ଏବେ ଟେଲିଗ୍ରାମ ବାର୍ତ୍ତା। ବିଲୁପ୍ତ ମାତ୍ର ଦିନେ ଟେଲିଗ୍ରାମ ନେଇ ବାର୍ତ୍ତାବହ ମାନେ ଉଦ୍ଦିଷ୍ଟ ବ୍ୟକ୍ତିଙ୍କୁ ଦେଉଥିଲେ। ଯୁଦ୍ଧ ଭୂମିରେ କୂଟନୀତି ପ୍ରୟୋଗ ପାଇଁ ଦୂତ ପ୍ରେରଣ ହୁଏ। ଏହି ଦୂତମାନେ ମଧ ରକ୍ତପାତ ସମୟ ଅର୍ଥ କ୍ଷୟ, ବଳ କ୍ଷୟରୁ ତ୍ରାହି କରିପାରନ୍ତି। ମନ୍ତ୍ରପୁତ ତୀର ବି ଦୂତ କାମ କରେ । ତରଣୀ ସେନ ଓ ଶ୍ରୀରାମଙ୍କ ପ୍ରଥମ ତୀର ଏପରି ପ୍ରୟୋଗରେ ଥିଲା।

ଏସମୟରେ ମୋବାଇଲ ଫୋନ ଏ କାର୍ଯ୍ୟ ତୁଲାଉଛନ୍ତି ହେଲେ ଏଥିରେ ଗୋପନୀୟତାର ବିଶ୍ୱାସ ଲୁଟ ସମ୍ଭବନା ଆସିଗଲାଣି। ଯୁଗେ ଯୁଗେ ବିଶ୍ୱାସ ଘାତକ ଅଛନ୍ତି। ମନୁଷ୍ୟ ସ୍ୱ ସ୍ୱାର୍ଥ ପାଇଁ ପିଶାଚ ରାକ୍ଷସ ସମୟକୁ ହୋଇପାରେ ଏ ଯୁଗରେ ଏହାବାଦ ଯାଇନାହିଁ। ବିଶ୍ୱସନୀୟ ବ୍ୟକ୍ତି ବାଛିବା ଅତି କଠିନ। ତେବେ କିଛି ସତ୍ୟ ବି ରହିଛି ବୋଲି ଦୁନିଆ ତିଷ୍ଠି ରହିଛି। ଦୂତ ପ୍ରତିନିଧି ରାଜ କର୍ମଚାରୀ ରାଜାଙ୍କ ପରି ଶକ୍ତିଶାଳୀ ମୂଳ ଫାଇଲରୁ ଆଦେଶ ବିଳମ୍ବ ବା ନହୋଇ ପାରିବା ରାଜକର୍ମଚାରୀଙ୍କ ଦ୍ୱାରା ହିଁ ହୋଇପାରେ। ଫାଇଲ ଗାଏବ ଠିକ ସମୟକୁ ହୋଇପାରେ। ପୂର୍ବେ ଜାତିଆଣ ଭାବ ଟାଣ ଥିଲା, ଗ୍ରାମର ଚଉକିଆ ଜଣେ ତତ୍କାଳ ନିମ୍ନ ଜାତିର ବା ଭିନ୍ନ ଧର୍ମର ରହୁଥିଲେ ସେ ଯାଇ ଥାନାର ଦାରୋଗା ବା ମୁଖ୍ୟକର୍ତ୍ତାଙ୍କୁ ଗଣ୍ଡଗୋଳ କର୍ତ୍ତା, ଚୋର, ରାହାଜନୀକାରୀ ଅପରାଧି ଖବର ଜଣାନ୍ତି। ଥାନାରୁ ଚଉକିଆଙ୍କୁ ଆଦେଶ ମିଳିଥାଏ ଅଭିଯୁକ୍ତକୁ ଧରି ଥାନାକୁ ନେଇଯିବା ପାଇଁ। କାହାରି ଘରକୁ ତତ୍କାଳ ଚୌକିଆ ଗଲେ ତାକୁ ଘର ଅଟକ, ଜାତି ଅଟକ, କରାଯାଉଥିଲା। ନିଆଁ, ପାଣି ବନ୍ଦ କରାଯାଉଥିଲା। ଅତଏବ କେହି ଅପରାଧ ନକରିବା ପାଇଁ ଏକ ବଡ଼ ଉପାୟ ତତ୍କଳା ଥିଲା, ଚୌକିଆ ଗ୍ରାମକୁ ଆସିଲେ ଅତଏବ ଗ୍ରାମରେ ଜଳୁଥିଲା, ଯାହା ଏ ସମୟରେ ଖୋଦ ଏସ.ପି, ଡି.ଜି. ଆସିଲେ ବି ଏପରି ହେଉନାହିଁ। ଧର୍ମ ଭୟ ଓ ସାମାଜିକ ବନ୍ଧନ ଭୟ, ଅପରାଧିକରଣ ବିରୋଧି ଥିଲା। ରାଜ ପ୍ରତିନିଧି ଦୂତ ସମ୍ମାନନୀୟ, ପୁରାଣରେ ବିଭିନ୍ନ ପର୍ଯ୍ୟାୟରେ ଦୂତ ପ୍ରେରଣ କରାଯିବା ଉଦାହରଣ ଅଛି। ଇତିହାସରେ ଅଛି, ଏ ସମୟରେ ଏପରି ବିଭିନ୍ନ ପ୍ରକାରରେ କରାଯାଉଛି।

# କଳା ଅବତାର, ଅଂଶାବତାର ଓ ରାମାବତାର

॥ ଡା.ଦିଲ୍ଲୀପ କୁମାର ମହାରଣା ॥

ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳା ଅବତାର ବୋଲି କୁହାଯାଏ। ଭଗବାନଙ୍କର କଳା ବା ଅଂଶ ନେଇ ଯଦି କୌଣସି ଅବତାର ପୃଥିବୀରେ ଅବତୀର୍ଣ୍ଣ ହୁଅନ୍ତି ତାହେଲେ ତାଙ୍କୁ ଭଗବାନଙ୍କର କଳାବତାର ବୋଲି କୁହାଯାଏ। ଭଗବାନଙ୍କର ଯେତେ ଗୁଡ଼ିଏ ଅବତାର ଅଛି ତା ମଧ୍ୟରୁ ଅଂଶାବତାର ବା କଳାବତାର ଅଧିକ। କଳାବତାର ଓ ଅଂଶାବତାର ମଧରେ ସାମ୍ୟ ସୁସ୍ପଷ୍ଟ। ଏ ସମ୍ପର୍କରେ ଭାଗବତରେ ଯଥେଷ୍ଟ ଆଲୋଚନା କରାଯାଇଛି। ଭାଗବତ ଦଶମସ୍କନ୍ଦ ପଞ୍ଚମ ଅଧ୍ୟାୟ ୨୪ ପଦରେ ଶେଷନାଗଙ୍କୁ କଳାବତାର ବୋଲି ବର୍ଣ୍ଣନା କରାଯାଇଥିଲା ବେଳେ ଏକାଦଶ ସ୍କନ୍ଦ ଦ୍ୱିତୀୟ ଅଧ୍ୟାୟ ପ୍ରଥମ ପଦରେ ଅଂଶାବତାର ବୋଲି କୁହାଯାଇଛି ତେଣୁ ଅଂଶାବତାର ଓ କଳାବତାର ଭିତରେ ଶବ୍ଦର ପାର୍ଥକ୍ୟ ପରିଲକ୍ଷିତ ହେଲେ ମଧ ଅର୍ଥଗତ ସାମ୍ୟ ସୁସ୍ପଷ୍ଟ। କଳାବତାର ବା ଅଂଶାବତାର ପ୍ରାଚୀନତା ଦେଖିବାକୁ ଗଲେ ମନେ ହୁଏ ଯେ ଏହା ବହୁ ପ୍ରାଚୀନ କାଳରୁ ସାହିତ୍ୟର ବିଭିନ୍ନ କ୍ଷେତ୍ରରେ ଉଲ୍ଲେଖିତ। ସେଥିରେ ଅବତାର ସହିତ କଳାରୂପ ଓ କଳାଶକ୍ତିର ମଧ ବ୍ୟବହାର ହୋଇଛି।

ବିଷ୍ଣୁଙ୍କର ଅବତାର ମଧରେ ହେଉଛି ସପ୍ତମ ଅବତାର। ଏହି ଅବତାର ସମ୍ପୂର୍ଣ୍ଣ ମାନବ ଅବତାର। ଜଣେ ପ୍ରତାପୀ ମେଧା, ପ୍ରଜ୍ଞାଦୀପ୍ତ, ସ୍ଥିତପ୍ରଜ୍ଞା, ବିଚକ୍ଷଣ ଓ ବୀର ଭାବରେ ରାମାବତାର ଚିତ୍ରିତ ହୋଇଛି। ଧର୍ମର ପ୍ରତିଷ୍ଠା ଏବଂ ଅଧର୍ମ ବିରୁଦ୍ଧରେ ସଂଗ୍ରାମ ତଥା ଦୁଷ୍ଟ ସଂହାର ପାଇଁ ଭଗବାନ ମାନବ ଦେହରେ ଅବତୀର୍ଣ୍ଣ ହୁଅନ୍ତି। ଏହି ମୌଳିକ କାରଣ ଲାଗି ରାମଅବତାରର ପ୍ରୟୋଜନ। ଅତ୍ୟାଚାରୀ ରାବଣର ଅତ୍ୟାଚାରରେ ଜର୍ଜରିତ ଧରଣୀକୁ ଉଦ୍ଧାର କରିବା ପାଇଁ ଏବଂ ସତ୍ୟ ଧର୍ମ ନ୍ୟାୟର ପ୍ରତିଷ୍ଠା ପାଇଁ ରାବଣର ବିନାଶ ପାଇଁ ବିଷ୍ଣୁଙ୍କର ରାମଚନ୍ଦ୍ର ଅବତାର।

ପ୍ରାଚୀନ ଯୁଗଠାରୁ ଆରମ୍ଭ କରି ଆଜି ପର୍ଯ୍ୟନ୍ତ ଭାରତୀୟ ସାହିତ୍ୟରେ ଯେଉଁ ଦୁଇଜଣ କାବ୍ୟ ନାୟକ ସାହିତ୍ୟକୁ ଋଦ୍ଧିମନ୍ତ କରିପାରିଛନ୍ତି ସେମାନେ ହେଲେ ରାଘବ ଶ୍ରୀରାମଚନ୍ଦ୍ର ଏବଂ ବାସୁଦେବ ଶ୍ରୀକୃଷ୍ଣ। ଭାରତୀୟ ସଂସ୍କୃତି ମୁଖ୍ୟତଃ ଏହି ଦୁଇଜଣଙ୍କୁ କେନ୍ଦ୍ର କରି ଗତି କରିଆସିଛି। ରାମଚନ୍ଦ୍ରଙ୍କର ଅବତାରତ୍ୱ ଅପେକ୍ଷା କାବ୍ୟ ନାୟକତ୍ୱ ଅଧିକ ମାତ୍ରାରେ ପ୍ରତିପାଳିତ। କାବ୍ୟ କବିତା ଗୁଡ଼ିକରେ ତାଙ୍କର ବେଦତ୍ୱ ଅପେକ୍ଷା ମାନବୀୟ ଗୁଣାବଳୀକୁ ଅଧିକ ପ୍ରାଧାନ୍ୟ ଦିଆଯାଇଛି। ତେଣୁ ରାମ ସାହିତ୍ୟ ପାଠକଲେ ପାଠକ ଭୁଲିଯାଏ ସେ ରାମଚନ୍ଦ୍ର ଜଣେ ସାଧାରଣ ମାନବ। ପାଠକ ହଜିଯାଏ କାବ୍ୟ ଭିତରେ ମଜିଯାଏ ତାର ଚରିତ୍ର ଗୁଣାବଳୀ ଗୁଡ଼ିକରେ ଭିଜିଯାଏ ତାଙ୍କର ଆଦର୍ଶ ଅନ୍ତର୍ନିହିତ ସତ୍ତା ଭିତରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ'ରେ ରାମଚନ୍ଦ୍ରଙ୍କର ଅବତାର ଗୁଣ ଅପେକ୍ଷା ମାନବୀୟ ଗୁଣର ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। କବି ରାମଚନ୍ଦ୍ରଙ୍କର ଜନ୍ମ ବୃତ୍ତାନ୍ତ ଆରମ୍ଭ କରିବାକୁ ଯାଇ ବର୍ଣ୍ଣନା କରିଛନ୍ତି ଯେ ରାମଚନ୍ଦ୍ର ହେବେ ସମ୍ପୂର୍ଣ୍ଣ ମାନବ ଯେଉଁଠି ଶଙ୍ଖ, ଚକ୍ର, ଗଦା ପଦ୍ମଧାରୀ ଚତୁର୍ଭୁଜ ଅପେକ୍ଷା ଦୁଇଭୁଜଧାରୀ ମାନବ ଶକ୍ତି, ସାହାସ ସଂଗ୍ରାମର ଅଧିକାରୀ ଅପେକ୍ଷା ଏକ ସାଧାରଣ ମାନବ ରୂପରେ ଗ୍ରହଣ କରିବା ଲାଗି ରାମଚନ୍ଦ୍ରଙ୍କର ଜନ୍ମ ପଛରେ ଥିଲା ପରମବ୍ରହ୍ମଙ୍କର ପରମ ନିର୍ଦ୍ଦେଶ। ସାଧାରଣତଃ ରାବଣର ନିଧନ ହେଉ ବା ଧର୍ମ ସଂସ୍ଥାପନା ନିମିତ୍ତ ହେଉ ଏହି ସବୁ ମଧରେ ଗୋଟିଏ ଅଖଣ୍ଡ ଚେତନା ସ୍ରୋତ ପ୍ରବାହିତ ହେଉଛି ତାହା ହେଉଛି ଇଚ୍ଛାମୟଙ୍କର ଲୀଳା ଯାହାକି ସାଧାରଣ ମଣିଷଙ୍କର ଅପେକ୍ଷା ଏକ ଅଲୌକିକ କାର୍ଯ୍ୟ ରୂପେ ଦୃଷ୍ଟିଗୋଚର ହୋଇପାରେ। କବି ଜଗନ୍ନାଥ ଦାସ ତାଙ୍କ 'ଟୀକା ରାମାୟଣ' ରେ ରାମଚନ୍ଦ୍ରଙ୍କୁ ଏକ ମାନବୀୟ ଚରିତ ରୂପେ କଳ୍ପନା କରିଥିଲେ ହେଁ ଅନେକ ସ୍ଥଳରେ ଦର୍ଶାଇଛନ୍ତି ଯେ ରାମଚନ୍ଦ୍ରଙ୍କ ଦ୍ୱାରା ତାଡ଼କା ନିଧନ ପରେ ତାଡ଼କାର ସ୍ୱର୍ଗ ପ୍ରାପ୍ତ ହେଲା। ଏହି ଦୃଶ୍ୟ ଦେଖି ବିଶ୍ୱାମିତ୍ର ବିଶ୍ୱାସ କଲେ ଯେ ରାମଚନ୍ଦ୍ର ହିଁ ସ୍ୱୟଂ ବିଷ୍ଣୁ। ବିଷ୍ଣୁଙ୍କର ସମସ୍ତ କାର୍ଯ୍ୟ ଓ ଗୁଣାବଳୀରେ ଅନୁରଞ୍ଜିତ ତେଣୁ ବିଶ୍ୱାମିତ୍ର ଭାବିଲେ ରାମଚନ୍ଦ୍ର ସାଧାରଣ ମଣିଷ ନୁହଁନ୍ତି। ରାମ ଅବତାରର ପୂର୍ବବର୍ତ୍ତୀ ଅବତାରଗୁଡ଼ିକରେ ଭଗବାନଙ୍କର ପ୍ରକଟିତ ଲୀଳାଖେଳା ପରି ରାମ ଅବତାରରେ ମଧ ସେହିପରି ଲୀଳା ଖେଳା ପ୍ରକଟିତ।

ସାରଳା ମହାଭାରତର ବନପର୍ବରେ ରାମଚରିତ ସଂକ୍ଷେପ ଭାବରେ ବର୍ଣ୍ଣିତ ହୋଇଛି। ଏତଦବ୍ୟତୀତ ଭୀଷ୍ମ ପର୍ବରେ ମଧ ରାମ ଅବତାରର ଉଲ୍ଲେଖ ପରିଲକ୍ଷିତ ହୁଏ। ଏଥିରେ ବିଷ୍ଣୁ ରାମାବତାର ଗ୍ରହଣ କରିବା କଥା କୁହାଯାଇଛି। ଏଥିରୁ ସ୍ପଷ୍ଟ ଭାବରେ ଅନୁମତି ହୁଏ ଯେ ସାରଳା ଦାସ ରାମ ବିଷ୍ଣୁ ଓ ଜଗନ୍ନାଥଙ୍କୁ ଏକ ଓ ଅଭିନ୍ନ ବୋଲି ପରିକଳ୍ପନା କରିଛନ୍ତି। ବାଲ୍ମିକୀ ରାମାୟଣ ଓ ଜଗମୋହନ ରାମାୟଣ ରାମଚରିତ୍ରକୁ ଅନୁଧ୍ୟାନ କଲେ ସ୍ପଷ୍ଟ ଅନୁମତି ହୁଏ ଯେ ବାଲ୍ମିକୀ ରାମଚନ୍ଦ୍ରଙ୍କୁ ଦେବତା ଅପେକ୍ଷା ମାନବୀୟ ଗୁଣରେ ଭୂଷିତ କରିଥିଲାବେଳେ ବଳରାମ ଦାସ ରାମଚନ୍ଦ୍ରଙ୍କୁ ମାନବ ଅପେକ୍ଷା ଦେବତାର ଆସନ ପ୍ରଦାନ କରିଛନ୍ତି। ତେଣୁ ବଳରାମ ଦାସଙ୍କ ରାମାୟଣରେ ରାମଚନ୍ଦ୍ର ବିଷ୍ଣୁଙ୍କର ଅବତାର ରୂପରେ ପ୍ରକଟିତ। ବ୍ରହ୍ମାଙ୍କ ବଳରେ ବଳିୟାନ ରାବଣର ନିଧନ ପାଇଁ ବିଷ୍ଣୁ ରାମ ଅବତାରରେ ଆବିର୍ଭୁତ ହୋଇଛନ୍ତି। ରାମଚନ୍ଦ୍ର ଭଗବାନଙ୍କର ଏକ ଅବତାର ଏଥିରେ ସନ୍ଦେହର ଅବକାଶ ନାହିଁ। କିନ୍ତୁ ବିଭିନ୍ନ ସମାଲୋଚକଙ୍କ ଦୃଷ୍ଟିରେ ସେ ଭିନ୍ନ ରୂପ ଧାରଣ କରିଛନ୍ତି। ଏହି ଭିନ୍ନ ଭିତରେ ସେ ଅଭିନ୍ନ, ରୂପ ଭିତରେ ସେ ଅରୂପ। ଆକାର ଭିତରେ ନିରାକାର ଓ କାଳ ଭିତରେ ସେ କାଳାତୀତ।

ଶିଖରପୁର ଉପରସାହି, କଟକ,ଦୂରଭାଷ : ୮୨୮୦୯୬୩୨୮୩/ ୯୪୩୮୫୮୩୨୮୯

# ଜୀବନ ଯୁଦ୍ଧର ଲଢ଼େଇରେ ଦିବ୍ୟାଙ୍ଗ ପୁଷ୍ପଲତା

॥ ସୁଶାନ୍ତ ଭୂୟାଁ ॥

ଲିଙ୍କରୋଡ଼ର ଗଳିପୋଲରୁ ଖାନନଗର ମୁଖ୍ୟ ରାସ୍ତା ପୂର୍ବରୁ ରେଳପୋଲର କିଛି ଦୂରର ବାମ ପାର୍ଶ୍ୱରେ ନୂଆଁଣିଆ ଭଙ୍ଗା ଛପର ଘର ଭିତରେ ଦିବ୍ୟାଙ୍ଗ ପୁଷ୍ପଲତାଙ୍କ ଛୋଟିଆ ଦୋକାନଟିଏ। ଯେଉଁଥିରେ ପାଞ୍ଚ ପ୍ରାଣୀ କୁଟୁମ୍ବ ପ୍ରତିପୋଷଣ ହୁଅନ୍ତି। ପିଲାଟି ଦିନରୁ ମେଧାବୀ ଛାତ୍ରୀଟିଏ ହୋଇ ପରିବାରର ସୁଖ ଦୁଃଖରେ ସାଥି ହେବାସହ ସମାଜ ସେବା ପାଇଁ ତାଙ୍କର ବହୁତ ଇଛା ଥିଲା। ହେଲେ ଭାଗ୍ୟ ସାଥ ଦେଲାନାହିଁ। ପୋଲିଓର ଅଭାବନୀୟ ସ୍ୱାସ୍ଥ୍ୟ ଦୁଃଖ ତାଙ୍କ ଦୁଇ ପାଦକୁ ବାନ୍ଧିଦେଲା। ସ୍ୱର୍ଗତଃ ସୁଦର୍ଶନ ସାହୁ ଓ ମା'ବାସନ୍ତୀ ଦେବୀଙ୍କ ଝିଅ ହେଉଛନ୍ତି ପୁଷ୍ପଲତା। ତିନି ଭଉଣୀ ଓ ଗୋଟିଏ ଭାଇଙ୍କୁ ନେଇ ତାଙ୍କର ହସ ଖୁସିର ଦୁନିଆ ଭିତରେ ପୋଲିଓର ଯନ୍ତ୍ରଣାଦାୟକ ଚଡ଼କ ସମଗ୍ର ପରିବାକୁ ମ୍ରିୟମାଣ କରିଦେଲା। ସ୍ଥାନୀୟ କୁସୁମଦେବୀ ମହାବିଦ୍ୟାଳୟରୁ ଯୁକ୍ତ+୨ ପାଠପଢ଼ିଥିବା ପୁଷ୍ପଲତା ପରିବାରର ଦାନାପାଣିର ଝଡ଼କୁ ନିଜ ମୁଣ୍ଡ ଉପରକୁ ନେଇଗଲେ। ବାପାଙ୍କର ପଚାଶ ବର୍ଷର ଛୋଟିଆ ବିସ୍କୁଟ ଷ୍ଟେସନାରୀ ସହ ସରକାରୀ ସ୍ୱୀକୃତି ପ୍ରାପ୍ତ ଭାଙ୍ଗ ଦୋକାନର ଦାୟିତ୍ୱ ସେ ନେଲେ। ଇତିମଧ୍ୟରେ ଦଶ ବର୍ଷ ହେଲାଣି ସରକାରଙ୍କ ସ୍ୱୀକୃତିପ୍ରାପ୍ତ ଦୋକାନରେ ସେ ଚଳତଶକ୍ତିହୀନ ହୋଇଥିବାରୁ ବସି ରହି ଦୋକାନ ଚଳାଉଛନ୍ତି। ଷୋଳବର୍ଷ ତଳୁ ରେଳବାଇର ଜାଗା ଉପରେ ତିଆରି ହୋଇଥିବା ତାଙ୍କ ଚାଳଛପର ମୁଣ୍ଡ ଗୁଞ୍ଜିବାର ଗୁଜୁରାଣର ସଂସ୍ଥାନଟି ଆଜି ଅନେକ ସମସ୍ୟା ଦେଇ ଗତି କରୁଛି। ସରକାରଙ୍କ କୌଣସି ସାହାଯ୍ୟ ସୁଯୋଗ ଏଯାବତ ସେ ପାଇନାହାଁନ୍ତି। ସରକାରୀ ଜାଗା ଉପରେ ଅସ୍ଥାୟୀ ଘରଟି କରିଥିବାରୁ ଚାଳଛପରର ଘରର ଭବିଷ୍ୟତକୁ ନେଇ ସେ ବଡ଼ ଚିନ୍ତାଗ୍ରସ୍ତ। ନିଜ ଅସୁସ୍ଥ ଓ ପରିଣତ ବୟସର ମାଆ ବାସନ୍ତୀ ଦେବୀ ଓ ତାଙ୍କର ଭଲ ମନ୍ଦ ତଥା ଦୈନନ୍ଦିନ କାର୍ଯ୍ୟ ତୁଲାଇବା ନିମିତ୍ତ ଭଉଣୀ ଲକ୍ଷ୍ମୀପ୍ରିୟା ଓ ଭିଣୋଇଙ୍କୁ ପାଖରେ ରଖିଛନ୍ତି।

ସରକାର ଦିବ୍ୟାଙ୍ଗ ମାନଙ୍କ ଥଇଥାନ ପାଇଁ ବିଶେଷକରି ମହିଳାମାନେ ଯେଉଁମାନଙ୍କ ଦାନା ପାଣିରେ ପରିବାର ପ୍ରତିପୋଷଣ ହେଉଛି ସେମାନଙ୍କ ଆର୍ଥିକ ଅଗ୍ରଗତି ଓ ଭରଣପୋଷଣ ପାଇଁ ଅନେକ ପର୍ଯ୍ୟାପ୍ତ ଯୋଜନା ରହିଛି। ବର୍ତ୍ତମାନର ରେଳବାଇର ଜାଗା ତାଙ୍କୁ ଲିଜ ସୂତ୍ରରେ ମିଳୁ ବୋଲି ତାଙ୍କର ଗୁହାରି ରହିଛି। ଭେଣ୍ଡିଂ ଜୋନଟିଏ ପାଇଲେ ନିରାପଦ ଭାବରେ ଦୁଇ ପଇସାର ଗୁଜୁରାଣ ଚଳାଇପାରିବେ। ତେବେ ତାଙ୍କର ସବୁଠାରୁ ବଡ଼ ଆବଶ୍ୟକତା ହେଉଛି ଗୋଟିଏ ତିନିଚକିଆ ଟ୍ରଲି। ସେ ଜଣେ ଚାଲିବା ପାଇଁ ଅକ୍ଷମ ହୋଇଥିବାବେଳେ ସର୍ବନିମ୍ନ ଯାତାୟତ ପାଇଁ ଟ୍ରଲି ଖଣ୍ଡେ ଅତ୍ୟନ୍ତ ପ୍ରୟୋଜନୀୟ ଓ ଗୁରୁତ୍ୱପୂର୍ଣ୍ଣ। ମେଧାବୀ ଛାତ୍ରୀଟି ହୋଇଥିବାରୁ ତାଙ୍କର ପାଠପଢ଼ା ପ୍ରତି ବହୁତ ଆଗ୍ରହ ତ ରହିଥିଲା ଯାହାର ଫଳସ୍ୱରୂପ ପ୍ରତିଦିନ ସେ ଚାରିପାଞ୍ଚଟି ଖବର କାଗଜ କିଣନ୍ତି। ଏହି ପ୍ରତିନିଧି ତାଙ୍କୁ ଭେଟିବାବେଳେ ତାଙ୍କ ପାଖରେ 'ପ୍ରଗତିବାଦୀ' ଠାରୁ ଅନ୍ୟ ଦୁଇ ତିନଟି ଖବର କାଗଜ ମଧ ଦେଖିବାକୁ ପାଇଥିଲେ। ଏଯାବତ କୌଣସି ସରକାରୀ ସହାୟତା ସେ ପାଇନାହାଁନ୍ତି ତାହା ହିଁ ବଡ଼ ଆଶ୍ଚର୍ଯ୍ୟର କଥା। ସ୍ଥାନୀୟ ସାଇ କମିଟି ଓ ଅଧିବାସୀ ବୃନ୍ଦଙ୍କର ତାଙ୍କ ଉପରେ ବହୁତ ଶ୍ରଦ୍ଧା ରହିଛି। ନିଜେ ଚଳତଶକ୍ତିହୀନ ହୋଇଥିଲେ ମଧ ନିଜ ସକ୍ଷମ ଅନୁଯାୟୀ ଯେତିକି ସମ୍ଭବ ଦାନଧର୍ମ କରନ୍ତି। ଦୋକାନକୁ ଆସୁଥିବା କୌଣସି ଗରିବ ଅସହାୟଙ୍କୁ ସେ ଯାହାବି ଟିକେ ହେଉ ଖାଲି ପେଟରେ ଫେରାନ୍ତି ନାହିଁ। ଦୋକାନର ପଛପଟେ ବୋହି ଯାଉଛି କାଠଯୋଡ଼ି ନଈ। ନଈର ଜଳଧାର ପ୍ରବାହିତ ପରି ଏପରି ଜଣେ ଚଳତଶକ୍ତିହୀନ ଅଥଚ ପରିବାର ଓ ସମାଜ ସେବାକୁ ବିନା ଦୁଃଖରେ ଆଗେଇ ନେଉଥିବା ମେହନତୀ ଝିଅଟିର ପ୍ରତିଜ୍ଞାବଦ୍ଧତା ଓ ସାଧୁ ସଚ୍ଚୋଟତା ପ୍ରଶଂସନୀୟ ନିଶ୍ଚୟ। ତାଙ୍କ ଦୋକାନରେ ଛାଡ଼ି ଯାଇଥିବା କିଛି ଅଜଣା ଲୋକଙ୍କ ମୂଲ୍ୟବାନ ସାମଗ୍ରୀ ସେ ଖୋଜିଲୋଡି ଫେରାଇଛନ୍ତି। ନାଁ ଚାହିଁଛନ୍ତି ପୁରସ୍କାର ନାଁ ପ୍ରଶଂସା। ଆଜିର ପ୍ରଚାର ସର୍ବସ୍ୱ ସମାଜ ସେବା ଯୁଗରେ ନିଜକୁ ବିଜ୍ଞାପିତ କରିବା ପାଇଁ ସେ କେବେ ଚାହିଁନାହାଁନ୍ତି। ନିଜ ଆତ୍ମ ସମ୍ମାନ ଓ ସ୍ୱାଭିମାନକୁ ତଳେ ପକାଇ କାହା ପାଖରେ ହାତି ପାତି ନାହାଁନ୍ତି କି ମୁଣ୍ଡ ଝୁକାଇ ନାହାଁନ୍ତି। ପ୍ରଶାସନ ତାଙ୍କ ଅଭିଯୋଗକୁ ସହୃଦୟତାର ସହିତ ଶୁଣନ୍ତୁ। ତାଙ୍କ ନିଃସ୍ୱାର୍ଥପର ସେବା ଓ ଦିବ୍ୟାଙ୍ଗ ହୋଇ ମଧ ସ୍ୱାଭିମାନର ସହ ଜୀବନ ଯୁଦ୍ଧରେ ଲଢୁଥିବାର ପ୍ରତିଜ୍ଞାବଦ୍ଧତାକୁ ଶତ ସହସ୍ର ସଲାମ।

# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା




## ଲୁଣିଆ ଆଞ୍ଚଳିକ ସହିଦ ସାଧନା ମାଟିରେ ସୁରଭି କାର୍ଯ୍ୟକ୍ରମ



ଧାମନଗର, (ମହାଭାରତ): ଧାମନଗର ବ୍ଲକ ଅନ୍ତର୍ଗତ ଲୁଣିଆଁ ଆଞ୍ଚଳିକ ସହିଦ ସାଧନା ମାଟିରେ ନୋଡାଲ ସହିଦ ୟୁପି ବିଦ୍ୟାଳୟ ଓ ଲୁଣିଆଁ ଉଚ୍ଚ ବିଦ୍ୟାଳୟର ସହଯୋଗରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତା ଓ ପାଠ୍ୟପୁସ୍ତକ ବାହାରର ଜ୍ଞାନକୁ ଲୋକଲୋଚନକୁ ଆଣିବା। ଏଥିସହ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜର ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ବିଭିନ୍ନ ସୃଜନଶୀଳ କଳା ମାଧ୍ୟମରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ପିଲାମାନଙ୍କ ଏହି ଆକର୍ଷଣୀୟ ପ୍ରଦର୍ଶନ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲା। ଲୁଣିଆ ସହଯୋଗୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ନାରାୟଣ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। କୋଠାର ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଶ୍ରୀ ସତ୍ୟବ୍ରତ ଭାରତୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ଶ୍ରୀ ରବୀନ୍ଦ୍ର କୁମାର ପ୍ରାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ରର ସିଆରସିସି ଦେବେନ୍ଦ୍ର କୁମାର କବି, ପ୍ରାକ୍ତନ ଶିକ୍ଷକ ରାଧାକୃଷ୍ଣ ପଣ୍ଡା, ଲୁଣିଆଁ ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ଶମ୍ଭୁନାଥ ଜେନା, ସହିଦନଗର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ପ୍ରାଣିଗ୍ରାହୀ, ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସହିଦନଗରର ସଂଯୋଜକ ଉମେଶ କୁମାର ପତି ଏବଂ ଲୁଣିଆଁ ନୋଡାଲ କମିଟି ସ୍କୁଲର ଅଧ୍ୟକ୍ଷ ନରେଶ ଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ସହ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଶିକ୍ଷା ସହିତ କଳା, ସଂସ୍କୃତି ଓ ସୃଜନଶୀଳତାର ସମନ୍ୱୟ ସୃଷ୍ଟି କରିବାରେ ସହାୟକ ହୋଇଥିଲା ।

## ସତ୍ୟସାଇ ଜ୍ଞାନ ବିକାଶ ବିଦ୍ୟାଳୟରେ କୃତି ଛାତ୍ରଛାତ୍ରୀଙ୍କୁ ପୁରସ୍କାର ବିତରଣ



ପାରାଦୀପ, (ମହାଭାରତ): କୁଜଙ୍ଗ ବ୍ଲକ ଅନ୍ତର୍ଗତ ପଙ୍କପାଳ ସ୍ଥିତ ଶ୍ରୀ ସତ୍ୟ ସାଇ ଜ୍ଞାନ ବିକାଶ ବିଦ୍ୟାଳୟରେ ମିଟସିଓର ଓଲ୍ୟମ୍ପାଡ଼ ପରୀକ୍ଷା ରେ କୃତି ଛାତ୍ରଛାତ୍ରୀ ମାନଙ୍କୁ ପୁରସ୍କାର ବିତରଣ ଉତ୍ସବ ଶୁକ୍ରବାର ଦିନ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ବିଦ୍ୟାଳୟର ର ଅଧକ୍ଷା ରଶ୍ମିତା କବି ପୌରାହିତ୍ୟ କରିଥିଲେ। ଏହି ସଭାରେ ବିଦ୍ୟାଳୟ ପରିଚାଳନା ସମିତି ର ସଭାପତି ବାବାଜୀ ଚରଣ ପୃଷ୍ଟି, ଶ୍ରୀ ସତ୍ୟ ସାଇ ସେବା ସଂଗଠନ, ଓଡିଶା ର ଆବାହକ ଅନ୍ତର୍ଯ୍ୟାମୀ ପଟ୍ଟନାୟକ,ସଭ୍ୟା ସ୍ନେହାମୟୀ ଆଚାର୍ଯ୍ୟ ଯୋଗ ଦେଇଥିବା ବେଳେ ପଙ୍କପାଳ ଶିକ୍ଷା ମଣ୍ଡଳ ର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରିଣୀ ପ୍ରତିମା କୁମାରୀ ସୁତାର ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଛାତ୍ରଛାତ୍ରୀ ମାନଙ୍କୁ ଆଶୁବଚନ ଦେଇଥିଲେ। ବିଦ୍ୟାଳୟରେ ମୋଟ ୬୫ ଛାତ୍ରଛାତ୍ରୀ ପରୀକ୍ଷା ଦେଇଥିବା ବେଳେ ୪୨ ଜଣ କୃତକାର୍ଯ୍ୟ ହୋଇ ନଗଦ ଅର୍ଥରାଶି, ସ୍ୱର୍ଣ୍ଣ,ରୌପ୍ୟ ଓ କାନ୍ସ୍ୟ ପଦକ ଗ୍ରହଣ କରିଥିଲେ। ଦଶମ ଶ୍ରେଣୀ ର ଛାତ୍ରୀ ଶ୍ରଦ୍ଧାଞ୍ଜଳି ସ୍ୱାଇଁ ନଗଦ ବାର ହଜାର ଟଙ୍କା ଓ ସ୍ୱର୍ଣ୍ଣ ପଦକ ଜିତି ବିଦ୍ୟାଳୟ ପାଇଁ ଗୌରବ ଆଣିଥିଲେ। ଏଥିରେ ମୋଟ ୫ଟି ସ୍ୱର୍ଣ୍ଣ ୫ଟି ରୌପ୍ୟ ଓ ୭ଟି ବ୍ରୋଂଜ ? ପଦକ ମିଳିଥିଲା। ଶେଷରେ ଉକ୍ତ ପରୀକ୍ଷା କୁ ସୁଚାରୁ ରୂପେ ପରିଚାଳନା କରିଥିବାରୁ ବିଦ୍ୟାଳୟର ଉପାଧ୍ୟାକ୍ଷା ଧରିତ୍ରୀ ମହାପାତ୍ର ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଅଞ୍ଜନା ସାମଲ ଓ ରୀନା ମହାପାତ୍ର ଶେଷ ରେ ଧନ୍ୟବାଦ ଅର୍ପଣ ଆଳତି ପ୍ରଦାନ କରି ସଭା ସାଙ୍ଗ କରିଥିଲେ।

## ମୈନାକ ସାହିତ୍ୟ ସଂସଦ ପକ୍ଷରୁ ଶାରଦୀୟ କବିତା ଆସର




ପାରାଦୀପ, (ମହାଭାରତ): ପାରାଦୀପର ପୁରାତନ ସାହିତ୍ୟ ଅନୁଷ୍ଠାନ ମୈନାକ ସାହିତ୍ୟ ସଂସଦ ପକ୍ଷରୁ ସ୍ଥାନୀୟ ପୌର ପ୍ରଶାସନ ସମ୍ମିଳନୀ କକ୍ଷରେ ଶାରଦୀୟ କବିତା ପାଠ ଓ ସାରସ୍ୱତ ସଭା ସଭାପତି ଡ଼ଃ. ସନ୍ତୋଷ ସାମଲଙ୍କ ସଭାପତିତ୍ୱରେ ଶୁକ୍ରବାର ସନ୍ଧ୍ୟାରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ସାରସ୍ୱତ ଆସରରେ ଅମ୍ବିକାଇ ଗଣପରିଷଦର ସଭାପତି ଧ୍ରୁବ ଚରଣ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲା ବେଳେ ପରାଶର ସାହିତ୍ୟ ସଂସଦର ସମ୍ପାଦକ ବିଚିତ୍ରା ନନ୍ଦ ବିଶ୍ୱାଳ ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସଂସଦର ସହ ସମ୍ପାଦିକା ତୁଳସୀ ବରାଳ କବିତା ସଂଯୋଜନା କରିଥିଲେ। ସମ୍ପାଦକ ନଗେନ୍ଦ୍ର ନାଥ ସ୍ୱାଇଁ ସମ୍ପାଦକୀୟ ବିବରଣୀ ପ୍ରଦାନ କରିଥିଲେ। ଉକ୍ତ କବିତା ଆସରରେ କବି ନିମାଇଁ ମହାପାତ୍ର, ଉର୍ମିଳା ମହାନ୍ତି, ଲଗ୍ନଜିତ ରାଉତ, ନର୍ମଦା ମହାନ୍ତି, ନଳିନୀ ପ୍ରଭା ସାହୁ, ଅର୍ଚ୍ଚନା ବେହେରା, ରଞ୍ଜନ କୁମାର ଲେଙ୍କା, ରଘୁନାଥ ଆଚାର୍ଯ୍ୟ, ବିଜୟ କୁମାର ନାୟକ, ଟୁନି ଖୋଜି ସମେତ ଅନେକ କବି ଦୁର୍ଗତି ନାଶିନୀ ମା ଦୁର୍ଗାଙ୍କ ବନ୍ଦନା ସହ ଶାରଦୀୟ ଶୋଭା, ସମ୍ଭାର ଶୀର୍ଷକ କବିତା ପାଠ କରିଥିଲେ। ଶେଷରେ କବି ପ୍ରେମ ଲତା ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

## ଦଶପଲ୍ଲା ଟୋଲଗେଟ୍ ନିକଟରୁ ୧ କ୍ୱିଣ୍ଟାଲ ଗଞ୍ଜେଇ ସହ କାର୍ ଜବତ: ଜଣେ ଅଟକ

ଦଶପଲ୍ଲା, ୧୭/୧୦ (ମହାଭାରତ): ଦଶପଲ୍ଲା ଥାନା ଅନ୍ତର୍ଗତ ରଙ୍ଗାମାଟିଆ ଟୋଲଗେଟ୍ ନିକଟରୁ ପୁଲିସ୍ ବେଆଇନ ଭାବେ ଚାଲାଣ ହେଉଥିବା ୧୦୦ କିଲୋଗ୍ରାମ ଗଞ୍ଜେଇ ଜବତ କରିବା ସହ ଜଣେ ନାବାଳକକୁ କାବୁ କରିଛି। ତା' ନିକଟରୁ ଗଞ୍ଜେଇ ଚାଲାଣରେ ବ୍ୟବହୃତ ଏକ ଧଳା ରଙ୍ଗର ମାରୁତି ସୁଜୁକି ଡିଜାୟାର କାର୍ ଓ ମୋବାଇଲ୍ ଫୋନ୍ ମଧ୍ୟ ଜବତ ହୋଇଛି। ପ୍ରାପ୍ତ ସୂଚନା ଅନୁଯାୟୀ, କନ୍ଧମାଳ ପଟୁ ଏକ କାର୍ ଯୋଗେ ବିପୁଳ ପରିମାଣର ଗଞ୍ଜେଇ ଚାଲାଣ ହେଉଥିବା ନେଇ ଦଶପଲ୍ଲା ଥାନା ଅଧିକାରୀ ବିନୟ ରଞ୍ଜନ ପରିଡ଼ାଙ୍କୁ ଗୁଇନ୍ଦା ସୂଚନା ମିଳିଥିଲା। ତାଙ୍କ ନିର୍ଦ୍ଦେଶକ୍ରମେ ଏସ୍ଆଇ ପ୍ରଭାତୀ ବେହେରାଙ୍କ ନେତୃତ୍ୱରେ ଏକ ପୁଲିସ୍ ଟିମ୍ ରଙ୍ଗାମାଟିଆ ଟୋଲଗେଟ୍ ନିକଟରେ ଜଗି ରହିଥିଲେ। ସନ୍ଦିଗ୍ଧ ଅବସ୍ଥାରେ ଆସୁଥିବା ଏକ ଧଳା ରଙ୍ଗର ଡିଜାୟାର କାର୍ (ନଂ ଓଡି ୦୨ସିଏମ୍ ୩୪୦୫)କୁ ଅଟକାଇ ଯାଞ୍ଚ କରିବା ପରେ ସେଥିରୁ ଦୁଇଟି ଧଳା ବସ୍ତାରେ ଭର୍ତ୍ତି ହୋଇଥିବା ପ୍ରାୟ ୧୦୦ କିଲୋ (ପ୍ରତି ବସ୍ତାରେ ୫୦ କେଜି ଲେଖାଏଁ) ଗଞ୍ଜେଇ ମିଳିଥିଲା। ପୁଲିସ୍ ଘଟଣାସ୍ଥଳରୁ କାର୍ ଚଳାଉଥିବା କନ୍ଧମାଳ ଜିଲ୍ଲା ଫିରିଙ୍ଗିଆ ଥାନା ଅନ୍ତର୍ଗତ କରଣ୍ଡାଗଡ଼ ଗ୍ରାମର ରଞ୍ଜନ ଦିଗାଲଙ୍କ ୧୭ ବର୍ଷୀୟ ପୁଅକୁ କାବୁ କରିଥିଲା। ଏ ନେଇ ଦଶପଲ୍ଲା ଥାନାରେ କେସ୍ ନଂ ୨୮୯/୨୦୨୬, ବିଏନ୍ଏସ୍ ଧାରା ୨୮୧/୧୨୫(ଏ) ଏବଂ ଏନ୍‌ଡିପିଏସ୍ ଆକ୍ଟର ଧାରା ୨୦(ବି)(ସସ)(ସି) ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତ ନାବାଳକକୁ ଆଜି ନୟାଗଡ଼ ଅଦାଲତରେ ହାଜର କରାଯାଇଛି। ଘଟଣାର ଅଧିକ ତଦନ୍ତ ଏସ୍ଆଇ ଜୟଚନ୍ଦ୍ର ବେହେରା ଦଳାଇ ଜାରି ରଖିଥିବା ଥାନା ଅଧିକାରୀ ଶ୍ରୀ ପରିଡ଼ା ପ୍ରକାଶ କରିଛନ୍ତି।

## ହେମାମୁରାରେ ନାମ ସଂକୀର୍ତ୍ତନ



ରେଢ଼ାଖୋଲ (ମହାଭାରତ) ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବ୍ଲକ ଲୁହାପଙ୍କ ପଞ୍ଚାୟତ ଅନ୍ତର୍ଗତ ହେମାମୁରା ଗ୍ରାମରେ ଶନିବାର ସନ୍ଧ୍ୟାରେ ଗର୍ଭଣା ସଂକ୍ରାନ୍ତିରେ ରୀତି ନୀତି ଅନୁଯାୟୀ ପୂଜାର୍ଚ୍ଚନା ଅନୁଷ୍ଠିତ ହୋଇଯାଇଛି। ସଂକ୍ରାନ୍ତି ଉପଲକ୍ଷେ ମାଁ ବିନ୍ଧବାସିନି ସଂକୀର୍ତ୍ତନ ମଣ୍ଡଳୀ ହେମାମୁରା ପକ୍ଷରୁ ଏକ ନାମ ସଂକୀର୍ତ୍ତନ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ଲୁହାପଙ୍କ , ଟାଲ, ଅଙ୍ଗାରପୋଡା,ଚାରବାଟି ମହିଳା ସଂକୀର୍ତ୍ତନ ମଣ୍ଡଳୀ ଏହି ନାମରେ ଅଂଶଗ୍ରହଣ କରିଥିଲେ। ପୂଜକ ଭାବରେ ଉମେଶ ଚନ୍ଦ୍ର ମିଶ୍ର ଏବଂ କର୍ତ୍ତା ଭାବରେ ରାଜେନ୍ଦ୍ର ବେହେରା ଓ ତାଙ୍କ ଧର୍ମ ପତ୍ନୀ ଦାୟିତ୍ୱ ନିର୍ବାହ କରିଥିଲେ। ନାମ ସଂକୀର୍ତ୍ତନ ଦେଖିବାକୁ ବିଭିନ୍ନ ଗ୍ରାମରୁ ଶ୍ରଦ୍ଧାଳୁ ଭକ୍ତଙ୍କ ସମାଗମ ହୋଇଥିଲା । ଶେଷରେ ଭକ୍ତମାନେ ପ୍ରଶାଦ ସେବନ କରି ଆଶିର୍ବାଦ ଗ୍ରହଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ଗ୍ରାମବାସୀ ମାନେ ସକ୍ରିୟ ସହଯୋଗ କରିଥିଲେ।


## ଲୁଣିଆ ଆଞ୍ଚଳିକ ସହିଦ ସାଧନା ମାଟିରେ ସୁରଭି କାର୍ଯ୍ୟକ୍ରମ

ଧାମନଗର, (ମହାଭାରତ) : ଧାମନଗର ବ୍ଲକ ଅନ୍ତର୍ଗତ ଲୁଣିଆଁ ଆଞ୍ଚଳିକ ସହିଦ ସାଧନା ମାଟିରେ ନୋଡାଲ ସହିଦ ୟୁପି ବିଦ୍ୟାଳୟ ଓ ଲୁଣିଆଁ ଉଚ୍ଚ ବିଦ୍ୟାଳୟର ସହଯୋଗରେ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ସମୃଦ୍ଧ ଭାଷା, ସମୃଦ୍ଧ ଓଡ଼ିଶା ଲକ୍ଷ୍ୟକୁ ନେଇ ଆୟୋଜିତ ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଛାତ୍ରଛାତ୍ରୀଙ୍କ ଅନ୍ତର୍ନିହିତ ପ୍ରତିଭା, ସୃଜନଶୀଳତା ଓ ପାଠ୍ୟପୁସ୍ତକ ବାହାରର ଜ୍ଞାନକୁ ଲୋକଲୋଚନକୁ ଆଣିବା। ଏଥିସହ ଓଡ଼ିଆ ଭାଷା, ସଂସ୍କୃତି ଓ ପରମ୍ପରାର ବିକାଶ ପାଇଁ ବ୍ଲକ, ଜିଲ୍ଲା ଓ ରାଜ୍ୟସ୍ତରରେ





ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ କରିବା ଏହି କାର୍ଯ୍ୟକ୍ରମର ଅନ୍ୟତମ ଲକ୍ଷ୍ୟ। ଏହି ଅବସରରେ ଛାତ୍ରଛାତ୍ରୀମାନେ ନିଜର ନୃତ୍ୟ, ସଙ୍ଗୀତ, ଚିତ୍ରକଳା ଓ ବିଭିନ୍ନ ସୃଜନଶୀଳ କଳା ମାଧ୍ୟମରେ ପ୍ରତିଭା ପ୍ରଦର୍ଶନ କରିଥିଲେ। ପିଲାମାନଙ୍କ ଏହି ଆକର୍ଷଣୀୟ ପ୍ରଦର୍ଶନ ଉପସ୍ଥିତ ଅତିଥି ଓ ଦର୍ଶକଙ୍କ ମନ ମୋହିଥିଲା। ଲୁଣିଆ ସହଯୋଗୀ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ଶ୍ରୀ ନାରାୟଣ ସାହୁଙ୍କ ସଭାପତିତ୍ୱରେ ସଭା ଅନୁଷ୍ଠିତ ହୋଇଥିଲା। କୋଠାର ମହାବିଦ୍ୟାଳୟର ଓଡ଼ିଆ ବିଭାଗର ଅଧ୍ୟାପକ ଶ୍ରୀ ସତ୍ୟବ୍ରତ ଭାରତୀ ମୁଖ୍ୟ ବକ୍ତା ଭାବେ ଯୋଗଦେଇଥିବା ବେଳେ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ସଂସ୍କୃତ ବିଭାଗର ଅଧ୍ୟାପକ ଶ୍ରୀ ରବୀନ୍ଦ୍ର କୁମାର ପ୍ରାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଆଞ୍ଚଳିକ ସାଧନ କେନ୍ଦ୍ରର ସିଆରସିସି ଦେବେନ୍ଦ୍ର କୁମାର କବି, ପ୍ରାକ୍ତନ ଶିକ୍ଷକ ରାଧାକୃଷ୍ଣ ପଣ୍ଡା, ଲୁଣିଆଁ ନୋଡାଲ ସ୍କୁଲର ପ୍ରଧାନଶିକ୍ଷକ ଶମ୍ଭୁନାଥ ଜେନା, ସହିଦନଗର ନୋଡାଲ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ପ୍ରିୟତମା ପ୍ରାଣିଗ୍ରାହୀ, ପୂର୍ବତନ ଆଞ୍ଚଳିକ ସାଧନ କେନ୍ଦ୍ର ସହିଦନଗରର ସଂଯୋଜକ ଉମେଶ କୁମାର ପତି ଏବଂ ଲୁଣିଆଁ ନୋଡାଲ କମିଟି ସ୍କୁଲର ଅଧ୍ୟକ୍ଷ ନରେଶ ଚନ୍ଦ୍ର ଦଳାଇ ପ୍ରମୁଖ ଉପସ୍ଥିତ ଥିଲେ।ସୁରଭି କାର୍ଯ୍ୟକ୍ରମ ମାଧ୍ୟମରେ ଛାତ୍ରଛାତ୍ରୀଙ୍କ ପ୍ରତିଭାର ବିକାଶ ସହ ଓଡ଼ିଆ ଭାଷା ଓ ସଂସ୍କୃତିର ପ୍ରଚାର ପ୍ରସାର ହୋଇପାରିବ ବୋଲି ଉପସ୍ଥିତ ଅତିଥିମାନେ ମତ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମ ଶିକ୍ଷା ସହିତ କଳା, ସଂସ୍କୃତି ଓ ସୃଜନଶୀଳତାର ସମନ୍ୱୟ ସୃଷ୍ଟି କରିବାରେ ସହାୟକ ହୋଇଥିଲା ।


## କୁରାଳ କଲେଜରେ ବିରଳ ଛାତ୍ର ସଂସଦ ଗଠନ : ସର୍ବସମ୍ମତିକ୍ରମେ ମନୋନୀତ ହେଲେ ନୂତନ କର୍ମକର୍ତ୍ତା

ଓଡ଼ଗାଁ, (ମହାଭାରତ) : ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ସଂସଦର ନୂତନ କର୍ମକର୍ତ୍ତାମାନଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି।ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବଗ୍ରାହୀ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସମସ୍ତ ବିଦ୍ୟାର୍ଥୀଙ୍କ ଉପସ୍ଥିତିରେ ଏହି ଚୟନ ପ୍ରକ୍ରିୟା ସୁସମ୍ପନ୍ନ ହୋଇଥିଲା। ଏହି ଚୟନ ପ୍ରକ୍ରିୟାରେ ସୁଶ୍ରୀ ମାନସ୍ୱିନୀ ପୃଷ୍ଟି ସଭାପତି, ସୁଶ୍ରୀ ରଞ୍ଜିତା ମହାନ୍ତି ଉପସଭାପତି,ସୁଶ୍ରୀ ସାଇନୀ ପଲେଇ ସମ୍ପାଦକ,ସୁଶ୍ରୀ ରୂପାଲି ସାହୁ ସହସମ୍ପାଦକ,ସୁଶ୍ରୀ ତୃପ୍ତିମୟୀ ସାହୁ ସାଂସ୍କୃତିକ ସମ୍ପାଦକ ଏବଂ ଅଲେଖ ପ୍ରଧାନ କ୍ରୀଡ଼ା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି।ଏହି ଚୟନ ପ୍ରକ୍ରିୟା ମହାବିଦ୍ୟାଳୟର ଶୃଙ୍ଖଳା,ଗଣତାନ୍ତ୍ରିକ ମନୋଭାବ ଓ ସାମୂହିକ ସହମତିର ଏକ ଉତ୍କୃଷ୍ଟ ଉଦାହରଣ ଭାବେ ବିବେଚିତ ହୋଇଛି।ଏକ ସଂସ୍କୃତିସମ୍ପନ୍ନ ଗ୍ରାମୀଣ ପରିବେଶରେ ଅବସ୍ଥିତ ଏହି ମହାବିଦ୍ୟାଳୟରେ ଶାନ୍ତିପୂର୍ଣ୍ଣ ଓ ସର୍ବସମ୍ମତିଭିତ୍ତିକ ଚୟନ ପ୍ରକ୍ରିୟାକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି।ଏଥିସହ ଏପରି ଏକ ସୁସ୍ଥ ଓ ଆଦର୍ଶ ଶିକ୍ଷାନୁଷ୍ଠାନିକ ପରମ୍ପରାକୁ ଆଗେଇ ନେବାରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଦ୍ୟମ ପାଇଁ ସାଧୁବାଦ ଜଣାଯାଇଛି।ନୂତନ କର୍ମକର୍ତ୍ତାମାନେ ମହାବିଦ୍ୟାଳୟର ଶୈକ୍ଷିକ,ସାଂସ୍କୃତିକ ଓ କ୍ରୀଡ଼ା କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିବାସହ ବିଦ୍ୟାର୍ଥୀଙ୍କ ମଧ୍ୟରେ ଏକତା,ଶୃଙ୍ଖଳା ଓ ନେତୃତ୍ୱର ବିକାଶରେ ସହାୟକ ହେବେବୋଲି ଆଶା ପ୍ରକାଶ ପାଇଛି।

## ବ୍ଲକ ସ୍ତରୀୟ ଶିଶୁ ମହୋତ୍ସବ ସୁରଭି ୨୦୨୪ ଅନୁଷ୍ଠିତ

ଗଜପତି, (ମହାଭାରତ) : ଗଜପତି ଜିଲ୍ଲା ଗୋଶାଣୀ ବ୍ଲକର ଉପଲଡା ଠାରେ ଥିବା ରବୀନ୍ଦ୍ର ନାଥ ଟେଗୋର ମେମୋରିୟମ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ବ୍ଲକ ସ୍ତରୀୟ ସୁରଭି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି।ଏହି କାର୍ଯ୍ୟକ୍ରମରେ ବ୍ଲକ ଅଧ୍ୟକ୍ଷ ଏନ ବୀରରାଜୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବା ବେଳେ , ସହକାରୀ ଗୋଷ୍ଠୀ ଶିକ୍ଷା ଅଧିକାରୀ ଏନ ବିମଲ,ସି.ଆର.ସି.ସି,ପ୍ରଧାନଶିକ୍ଷକ ପ୍ରମୁଖ ମଞ୍ଚାସିନ ଥିଲେ। ବିଭିନ୍ନ ପ୍ରତିଯୋଗିତା ମାନ ହୋଇଥିଲା କୃତି ପ୍ରତିଯୋଗୀ ମାନଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା।ପ୍ରତିଯୋଗିତାରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଛାତ୍ର ଛାତ୍ରୀ ଜିଲ୍ଲା ସ୍ତରୀୟ ସୁରଭି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିବେ।ଏହି କାର୍ଯ୍ୟକ୍ରମ ରେ ବିଭିନ୍ନ ସ୍କୁଲର ଛାତ୍ରଛାତ୍ରୀ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରମୁଖ ଯୋଗ ଦେଇଥିଲେ। ଛାତ୍ର ଛାତ୍ରୀ ମାନଙ୍କ ମଧ୍ୟରେ ଲୁକ କାୟତ ପ୍ରତିଭା କୁ ଲୋକ ଲୋଚନ ଆଣିବା ମୂଳ ଲକ୍ଷ।

## ଲୁଇପା କଲେଜ ହାତେଇଲା ଏବିଭିପି

ଉଦଳା, (ମହାଭାରତ): ଲୁଇପା କଲେଜରେ ବାଜିମାତ କରିନେଲା ଏବିଭିପି। ମଇଦାନ ରେ ଲଢୁଥିବା ୧୦ ଜଣ ପ୍ରାର୍ଥୀ ଙ୍କ ମଧ୍ୟରୁ ୭ ଜଣ ଏବିଭିପି ପ୍ରାର୍ଥୀ ବିଜୟୀ ହୋଇଛନ୍ତି। ସଭାପତି ଭାବେ ଦୀପ୍ତିପ୍ରଭା ମୟୀ ବେହେରା ଏବଂ ସମ୍ପାଦକ ଭାବେ ରାଜେଶ ବେହେରା ବିଜୟୀ ହୋଇଛନ୍ତି। ଚଳିତ ବର୍ଷ ପ୍ରଥମ ଥର ପାଇଁ ରାଢୋ ଲୁଇପା କଲେଜରେ ନିର୍ବାଚନ ହୋଇଥିବା ବେଳେ ଏହାକୁ ଏବିଭିପି ହାତେଇ ନେଇଛି। ଆଗାମୀ ଦିନରେ କଲେଜ ଉନ୍ନତି ପାଇଁ କାମ କରିବେ ବୋଲି କହିଛନ୍ତି ନିର୍ବାଚିତ ପ୍ରାର୍ଥୀ।

## ଶାଳ ଜଙ୍ଗଲରେ କାଠ ମାଫିଆଙ୍କ ରାଜ ? ! ବନ ବିଭାଗର ନୀରବତା ନା ମଧୁଚନ୍ଦ୍ରିକା ?




ଉମରକୋଟ, (ମହାଭାରତ) : ବେଧଡ଼କ ଚାଲିଛି ଜଙ୍ଗଲ କଟା, ଜଙ୍ଗଲ ରୁ ମୂଲ୍ୟବାନ ଗଛ କାଟି ମାଲେମାଲ ହେଉଛନ୍ତି କାଠ ମାଫିଆ। ପୁଷ୍ପା ଷ୍ଟାଇଲରେ ଗଛ କାଟି ଜଙ୍ଗଲ ନଷ୍ଟ କରାଯାଉଥିବା ଦେଖିବାକୁ ମିଳୁଛି ଫ ଏଭଳି ଦୃଶ୍ୟ ଦେଖିବାକୁ ମିଳିଛି ନବରଙ୍ଗପୁର ଜିଲ୍ଲା ଉମରକୋଟ ରେଞ୍ଜ କୋପେନ ପଞ୍ଚାୟତ ଅନ୍ତର୍ଗତ ନୂଆପରା ଗାଁ ଅଂଚଳରେ ସଂରକ୍ଷିତ ଜଙ୍ଗଲ ମଧ୍ୟରେ । ଏହି ଜଙ୍ଗଲରୁ ବହୁମୂଲ୍ୟ ପ୍ରାୟ ପାଞ୍ଚ ଏକରରୁ ଅଧିକ ଅଞ୍ଚଳରେ ଶାଳ ଜଙ୍ଗଲ କାଟିଦିଅଯାଇଛି ।. ଏପଟେ ଘୋର ନିଦ୍ରାରେ ବନ ବିଭାଗ ଜଙ୍ଗଲ ସୁରକ୍ଷା ପାଇଁ ରହିଛି ବନ ବିଭାଗ, ରହିଛି ସରକାରୀ ନିୟମ। ହେଲେ ଯଦି ଜଙ୍ଗଲ ଭିତରେ ଚାଲେ କାଠ ମାଫିଆଙ୍କ ରାଜ୍, ତେବେ ଜଙ୍ଗଲକୁ ସୁରକ୍ଷା ଦେବ କିଏ? ଉମରକୋଟ ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲଗୁଡ଼ିକରେ ଗଛ କଟାକୁ ନେଇ ଏବେ ଉଠିଛି ବଡ଼ ପ୍ରଶ୍ନ। କାଠ ମାଫିଆ ଓ ବନ ବିଭାଗର କିଛି ଅଧିକାରୀଙ୍କ ମଧ୍ୟରେ ମଧୁଚନ୍ଦ୍ରିକା ଥିବା ଅଭିଯୋଗ ହେଉଥିବା ବେଳେ, ଧୀରେ ଧୀରେ ଜଙ୍ଗଲ ନଷ୍ଟ ହେବାକୁ ବସିଲାଣି । ଯେଉଁ ଜଙ୍ଗଲ ଦିନେ ସବୁଜିମାରେ ଭରପୂର ଥିଲା, ଆଜି ସେହି ଜଙ୍ଗଲରେ ଗଛ କଟାକୁ ନେଇ ଚିନ୍ତା ବଢୁଛି। ଉମରକୋଟ ବନାଞ୍ଚଳ ଅଧୀନରେ ଥିବା ଜଙ୍ଗଲଗୁଡ଼ିକରେ କାଠ ମାଫିଆଙ୍କ ଗତିବିଧିକୁ ନେଇ ଅଭିଯୋଗ ଉଠୁଛି। ଅଭିଯୋଗ ଅନୁଯାୟୀ, କାଠ ମାଫିଆଙ୍କ ଦୌରାତ୍ମ୍ୟ ଓ ବନ ବିଭାଗର କିଛି ଅଧିକାରୀଙ୍କ କଥିତ ମିଳିଭଗତ ଯୋଗୁଁ ଜଙ୍ଗଲର ସୁରକ୍ଷା ଆଜି ବିପଦରେ । କାଠ ମାଫିଆଙ୍କ ଉପରେ ରୋକ୍ ଲଗାଇବ କିଏ? ଜଙ୍ଗଲ ସୁରକ୍ଷା ଦାୟିତ୍ୱରେ ଥିବା ବନ ବିଭାଗ କେତେ ତତ୍ପର? ଏହି ଅଭିଯୋଗର ତଦନ୍ତ କରି ପ୍ରକୃତ ଦୋଷୀଙ୍କୁ ଚିହ୍ନଟ କରାଯିବ କେବେ? ଜଙ୍ଗଲ ହେଉଛି ପ୍ରକୃତିର ଅମୂଲ୍ୟ ସମ୍ପଦ। ଏହାକୁ ନଷ୍ଟ ହେବାରୁ ରୋକିବା ସମସ୍ତଙ୍କ ଦାୟିତ୍ୱ। ତେଣୁ ଉମରକୋଟ ବନାଞ୍ଚଳରେ ଜଙ୍ଗଲ କଟା ସମ୍ପର୍କିତ ଅଭିଯୋଗର ନିରପେକ୍ଷ ତଦନ୍ତ କରିବା ସହ ଜଙ୍ଗଲ ସୁରକ୍ଷା ପାଇଁ ଦୃଢ଼ ପଦକ୍ଷେପ ନେବା ଜରୁରୀ।

## ସର୍ବସମ୍ମତିକ୍ରମେ ମନୋନୀତ ହେଲେ ନୂତନ କର୍ମକର୍ତ୍ତା ମନସ୍ୱିନୀ ସଭାପତି ସାଇନି ସମ୍ପାଦିକା



ଓଡ଼ଗାଁ,(ମହାଭାରତ)ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ଦଧିବାମନ ସଂସ୍କୃତ ମହାବିଦ୍ୟାଳୟରେ ଚୟନ ପ୍ରକ୍ରିୟା ମାଧ୍ୟମରେ ଛାତ୍ର ସଂସଦର ନୂତନ କର୍ମକର୍ତ୍ତାମାନଙ୍କୁ ସର୍ବସମ୍ମତିକ୍ରମେ ମନୋନୀତ କରାଯାଇଛି ।ମହାବିଦ୍ୟାଳୟର ଅଧ୍ୟକ୍ଷ ଭାବଗ୍ରାହୀ କରଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏବଂ ସମସ୍ତ ବିଦ୍ୟାର୍ଥୀଙ୍କ ଉପସ୍ଥିତିରେ ଏହି ଚୟନ ପ୍ରକ୍ରିୟା ସୁସମ୍ପନ୍ନ ହୋଇଥିଲା ।ଏହି ଚୟନ ପ୍ରକ୍ରିୟାରେ ସୁଶ୍ରୀ ମାନସ୍ୱିନୀ ପୃଷ୍ଟି ସଭାପତି, ସୁଶ୍ରୀ ରଞ୍ଜିତା ମହାନ୍ତି ଉପସଭାପତି,ସୁଶ୍ରୀ ସାଇନୀ ପଲେଇ ସମ୍ପାଦକ,ସୁଶ୍ରୀ ରୂପାଲି ସାହୁ ସହସମ୍ପାଦକ,ସୁଶ୍ରୀ ତୃପ୍ତିମୟୀ ସାହୁ ସାଂସ୍କୃତିକ ସମ୍ପାଦକ ଏବଂ ଅଲେଖ ପ୍ରଧାନ କ୍ରୀଡ଼ା ସମ୍ପାଦକ ଭାବେ ମନୋନୀତ ହୋଇଛନ୍ତି ।ଏହି ଚୟନ ପ୍ରକ୍ରିୟା ମହାବିଦ୍ୟାଳୟର ଶୃଙ୍ଖଳା,ଗଣତାନ୍ତ୍ରିକ ମନୋଭାବ ଓ ସାମୂହିକ ସହମତିର ଏକ ଉତ୍କୃଷ୍ଟ ଉଦାହରଣ ଭାବେ ବିବେଚିତ ହୋଇଛି ।ଏକ ସଂସ୍କୃତିସମ୍ପନ୍ନ ଗ୍ରାମୀଣ ପରିବେଶରେ ଅବସ୍ଥିତ ଏହି ମହାବିଦ୍ୟାଳୟରେ ଶାନ୍ତିପୂର୍ଣ୍ଣ ଓ ସର୍ବସମ୍ମତିଭିତ୍ତିକ ଚୟନ ପ୍ରକ୍ରିୟାକୁ ବୁଦ୍ଧିଜୀବୀ ମହଲରେ ପ୍ରଶଂସା କରାଯାଇଛି ।ଏଥିସହ ଏପରି ଏକ ସୁସ୍ଥ ଓ ଆଦର୍ଶ ଶିକ୍ଷାନୁଷ୍ଠାନିକ ପରମ୍ପରାକୁ ଆଗେଇ ନେବାରେ ମହାବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ଉଦ୍ୟମ ପାଇଁ ସାଧୁବାଦ ଜଣାଯାଇଛି ।ନୂତନ କର୍ମକର୍ତ୍ତାମାନେ ମହାବିଦ୍ୟାଳୟର ଶୈକ୍ଷିକ,ସାଂସ୍କୃତିକ ଓ କ୍ରୀଡ଼ା କ୍ଷେତ୍ରରେ ସକ୍ରିୟ ଭୂମିକା ଗ୍ରହଣ କରିବାସହ ବିଦ୍ୟାର୍ଥୀଙ୍କ ମଧ୍ୟରେ ଏକତା,ଶୃଙ୍ଖଳା ଓ ନେତୃତ୍ୱର ବିକାଶରେ ସହାୟକ ହେବେବୋଲି ଆଶା ପ୍ରକାଶ ପାଇଛି ।

## ଶାରଦୀୟ ଦୁର୍ଗାପୂଜାରେ ଓଡ଼ଗାଁ ଉତ୍ସବ ମୁଖର

ଓଡ଼ଗାଁ,(ମହାଭାରତ):ଓଡ଼ଗାଁ ଏନଏସି ଓ ବ୍ଲକ ଅଞ୍ଚଳ ସାର୍ବଜନୀନ ଦୁର୍ଗାପୂଜା ପାଇଁ ଉତ୍ସବମୁଖର ହୋଇଉଠିଛି ।ନାନାରଙ୍ଗର ଆଲୋକ ମାଳାରେ ସୁସଜ୍ଜିତ ହୋଇ ଆକର୍ଷଣୀୟ ହୋଇଉଠିଛି ପୂଜାମଣ୍ଡପ ।ଦୀର୍ଘ ବର୍ଷ ଧରି ଓଡ଼ଗାଁ ବ୍ଲକ୍ ସାମ୍ନା ପୂଜାମଣ୍ଡପରେ ଅନୁଷ୍ଠିତ ହେଉଥିବା ଦୁର୍ଗାପୂଜା ଚଳିତବର୍ଷ ୭୮ ବର୍ଷରେ ପଦାର୍ପଣ କରିଛି ।ପୂଜା କମିଟିର ସଭାପତି ଦାମୋଦର ଖୁଲାର,ସମ୍ପାଦକ ଉମାକାନ୍ତ ପଟ୍ଟନାୟକଙ୍କ ପରିଚାଳନାରେ ମା'ଦୁର୍ଗାଙ୍କ ପୂଜାର୍ଚ୍ଚନା ଧୁମଧାମରେ ପାଳିତ ହେଉଛି ।ଆଦ୍ୟାଶକ୍ତିଙ୍କ ଆବାହନ ଓ ଆରାଧନାରେ ଶ୍ରଦ୍ଧାଳୁମାନେ ନିମଗ୍ନ ।ସ୍ତବ,ସ୍ତୁତି,ପ୍ରାର୍ଥନା ସହିତ ପୁରୋହିତଙ୍କ ମନ୍ତ୍ର ଉଚ୍ଚାରଣରେ ସୃଷ୍ଟି ହୋଇଛି ଆଧାତ୍ମିକ ପରିବେଶ ।ଏହି ଅବସରରେ ସ୍ଥାନୀୟ ଶ୍ରୀରଘୁନାଥ ଜିଉଙ୍କ ମନ୍ଦିର ପରିସରରେ ଅବସ୍ଥିତ ମା' ବିମଳା, ରାମସାଗର ନିକଟରେ ଥିବା ରାମଚଣ୍ଡୀ ମନ୍ଦିର,ତହସିଲ ଅଫିସ ନିକଟ ହେମାମାଳୀ ମନ୍ଦିର,ଦଲକ ଛକରେ ଅବସ୍ଥିତ ଗୟଲସିଂ ମନ୍ଦିର,କୁରାଳ ଚଣ୍ଡିଛକ,ଗୌଡପୁଟ ନିକଟ ବୁଢ଼ାବୁଢ଼ିଆଣୀ ମନ୍ଦିର, ରଙ୍ଗଣୀପାଟଣାର ବାଗଦେବୀ ମନ୍ଦିର ଓ କୋମଣ୍ଡ ପଞ୍ଚାୟତ ମକରପଦା ସ୍ଥିତ ମା'ବନଦୁର୍ଗାଙ୍କ ପୀଠରେ ମହା ଆଡ଼ମ୍ବରରେ ଷୋଡ଼ଷ ଉପଚାର ଓ ପୂଜାର୍ଚ୍ଚନା ଚାଲିଛି ଏବଂ ସନ୍ଧ୍ୟାରେ ପୂଜାମଣ୍ଡପରେ ଭିଡ଼ ଜମୁଥିବାବେଳେ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନୋରଞ୍ଜନ ପାଇଁ ଖୋରାକ ଯୋଗାଉଛି ।ବ୍ଲକରୋଡ ପୂଜାମଣ୍ଡପରେ ମାଆ'ଙ୍କର ସପ୍ତମୀ ପୂଜାରେ କର୍ତ୍ତାଭାବେ ରବୀନ୍ଦ୍ର ପାଣିଗ୍ରାହି ଦାୟିତ୍ୱ ନିର୍ବାହ କରିଥିବା ବେଳେ ପୁରୋହିତ ଭାବେ ଭଗବାନ ଆଚାର୍ଯ୍ୟ,ଶିବରାମ ମିଶ୍ର ଓ ସୁଧୀର କୁମାର ମିଶ୍ର କାର୍ଯ୍ୟ ତୁଲାଇଥିବା ଜଣା ପଡ଼ିଛି ।ମଦନମୋହନ ପାଠୀ,ଅରୁଣ ସାହୁ,ଅଜିତ ପଟ୍ଟନାୟକ ଓ ଅଭିମନ୍ୟୁ ସାହୁ,ହରିହର ସାହୁ ଓ ଦେବରାଜ ସାହୁଙ୍କ ସମେତ ଅଞ୍ଚଳବାସୀ ସହଯୋଗ କରିଥିବା ଜଣାପଡ଼ିଛି ।ରବିବାର ଅଷ୍ଟମୀପୂଜା ଉପଲକ୍ଷେ ପୂଜାକମିଟି ପକ୍ଷରୁ ବ୍ଲକ୍ ରୋଡ ସ୍ଥିତ କଲ୍ୟାଣ ମଣ୍ଡପ ଠାରେ ଜିଲ୍ଲାସ୍ତରୀୟ ଟ୍ରାକସଙ୍ଗ ପ୍ରତିଯୋଗିତା ଅନୁଷ୍ଠିତ ହୋଇ କୃତୀ ପ୍ରତିଯୋଗୀମାନଙ୍କୁ ପୁରସ୍କୃତ କରାଯିବବୋଲି ପୂଜା କମିଟି ସମ୍ପାଦକ ଉମାକାନ୍ତ ପଟ୍ଟନାୟକ ସୂଚନା ଦେଇଛନ୍ତି ।

## ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଙ୍ଘର ଏକଦିବସୀୟ ଧାରଣା




**କେନ୍ଦ୍ରାପଡ଼ା,:**ଅଖିଳ ଭାରତ ଗ୍ରାମୀଣ ଡାକସେବକ ସଙ୍ଘ ପକ୍ଷରୁ ୬ଦଫା ଦାବିରେ ଆଜି କେନ୍ଦ୍ରାପଡା ଡାକ ଡିଭିଜନ କାର୍ଯ୍ୟାଳୟ ସମ୍ମୁଖରେ ଏକଦିବସୀୟ ଧାରଣା ଦିଆଯାଇଥିଲା । ସଙ୍ଘର କେନ୍ଦ୍ରାପଡା ମଣ୍ଡଳ ସଭାପତି କପିଳ ଚରଣ ଦାସ, ସମ୍ପାଦକ ବିଜୟ କିଶୋର ଦାସ ଓ କୋଷାଧ୍ୟକ୍ଷ ଭଞ୍ଜକିଶୋର ସାହୁଙ୍କ ନେତୃତ୍ୱରେ ସଙ୍ଘର ସଦସ୍ୟମାନେ ଧାରଣାରେ ବସିରହିଥିଲେ । ସେମାନଙ୍କ ଦାବି ଗୁଡିକ ମଧ୍ୟରେ ଗ୍ରାମୀଣ ଡାକସେବକ ମାନଙ୍କୁ ଅଷ୍ଟମ ବେତନ କମିଶନରେ ସାମିଲ କରାଯିବା ସହ ଏଥିନିମନ୍ତେ ଯେତେଶୀଘ୍ର କମିଟି ଗଠନ କରାଯିବ,ଗ୍ରାମୀଣ ଡାକସେବକମାନଙ୍କୁ ସରକାରୀ ଚାକିରିର ମାନ୍ୟତା ପ୍ରଦାନ, ପେନସନ ଓ ପରିବାର ପେନସନ ପ୍ରଦାନ, ସେମାନଙ୍କୁ ମାନସିକ ଓ ଆର୍ଥିକ ଚାପରୁ ମୁକ୍ତ କରାଯିବା, ସେମାନଙ୍କୁ କାର୍ଯ୍ୟ କରିବା ପାଇଁ ଟେବୁଲ, ଚେୟାର, କମ୍ପ୍ୟୁଟର, ପ୍ରିଣ୍ଟର, ଇଣ୍ଟରନେଟ ଭଳି ଆନୁସଙ୍ଗିକ ସୁବିଧା ଯୋଗାଇ ଦିଆଯିବା ସହିତ ସପ୍ତମ ବେତନ କମିଶନର ବକେୟା ସେମାନଙ୍କୁ ପ୍ରଦାନ କରାଯିବା ପ୍ରଭୃତି ଦାବି ଗୁଡିକ ରହିଛି । ଏହି ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ବିପଦଭଞ୍ଜନ ବେରା, ହରିହର ମହାନ୍ତି, ଶରତ କୁମାର ହାତି, ରବିନ୍ଦ୍ର ଲେଙ୍କା, ଭଞ୍ଜକିଶୋର ସାହୁ, ବିଭୁଦତ୍ତ ଜେନା, ଦିପ୍ତିରଞ୍ଜନ ସ୍ୱାଇଁ, ବିଜୟକାନ୍ତ ଦାସ, ବିକାଶ ମଲ୍ଲିକଙ୍କ ସମେତ ଶତାଧିକ ସଙ୍ଘର ସଦସ୍ୟ ଧାରଣାରେ ବସିରହିଥିଲେ ।

# ଖଟିଆରେ ବୁହା ହୋଇ ୪ କିଲୋମିଟର ଗଲେ ପ୍ରସୂତି, ନବଜାତ ଶିଶୁ



ପରଜଙ୍ଗ: ଢେଙ୍କାନାଳଜିଲ୍ଲା ପର୍ଜଙ୍ଗ ବ୍ଲକ ଅନ୍ତର୍ଗତ କାମର୍ଦ୍ଦା ଗାଁରୁ ଆସିଛି ଏକ ସମ୍ବେଦନଶୀଳ ଘଟଣା । ଶୋଚନୀୟ ରାସ୍ତା ଯୋଗୁଁ ପହଞ୍ଚିପାରିଲା ନାହିଁ ୧୦୮ ଆମ୍ବୁଲାନ୍ସ, ଯାହା ଫଳରେ ଖଟିଆରେ ବୁହା ହୋଇ ପ୍ରାୟ ୪ କିଲୋମିଟର ଚାଲିଲେ ପ୍ରସୂତି ମହିଳା ଓ ନବଜାତ ଶିଶୁ । ଏହି ବ୍ଲକ ପଥରଖମ୍ବ ପଞ୍ଚାୟତର କାମର୍ଦ୍ଦା ଗାଁ ସତିଗାଡ଼ିଆ ମୁଣ୍ଡାସାହିର ଗୁଡୁ ପୂର୍ତ୍ତୀଙ୍କ ସ୍ତ୍ରୀ ଶକୁନ୍ତଳା ଗାଗରାଇଙ୍କର ପ୍ରସବ ଯନ୍ତ୍ରଣା ହେବାରୁ ୧୦୮ ଆମ୍ବୁଲାନ୍ସକୁ ଡକାଯାଇଥିଲା । କିନ୍ତୁ ରାସ୍ତାର ଦୟନୀୟ ଅବସ୍ଥା ଯୋଗୁଁ ଗାଁରେ ପହଞ୍ଚିପାରିନଥିଲା ଆମ୍ବୁଲାନ୍ସ । ଏହି ସମୟ ଭିତରେ ଶକୁନ୍ତଳା ଏକ ପୁତ୍ର ସନ୍ତାନକୁ ଜନ୍ମ ଦେଇଥିଲେ । ପ୍ରସବ ପରେ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପରିବାର ଓ ସ୍ଥାନୀୟ ଲୋକେ ଖଟିଆରେ ଉଭୟ ମାଆ ଓ ନବଜାତ ଶିଶୁଙ୍କୁ ଧରି ପ୍ରାୟ ୪ କିଲୋମିଟର ରାସ୍ତା ଚାଲି ଚାଲି ଯାଇଥିଲେ । ପରେ ଅଟୋ ଯୋଗେ ଉଭୟଙ୍କୁ ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା । ଚିକିତ୍ସା ପରେ ମା' ଓ ଶିଶୁଙ୍କ ସ୍ୱାସ୍ଥ୍ୟାବସ୍ଥା ଭଲ ଥିବା ଡାକ୍ତର ସୂଚନା ଦେଇଛନ୍ତି । ତେବେ ଏହା କୌଣସି ଦୁର୍ଗମ ଅଞ୍ଚଳର ଘଟଣା ନୁହେଁ । ମୁକ୍ତାପଶି ଗାଁଠାରୁ ମାତ୍ର ୯ କିଲୋମିଟର ଦୂରରେ ଥିବା ସତିଗାଡ଼ିଆ ମୁଣ୍ଡାସାହିକୁ ରାସ୍ତା ନଥିବାରୁ ଲୋକେ ଦୀର୍ଘଦିନ ଧରି ଯାତାୟାତରେ ସମସ୍ୟା ଭୋଗୁଥିବା ଅଭିଯୋଗ କରିଛନ୍ତି । ଏବେ ପ୍ରଶ୍ନ ଉଠୁଛି—ସ୍ୱାଧୀନତାର ଏତେ ବର୍ଷ ପରେ ମଧ୍ୟ ଏହି ଗାଁ କୁ ଯଦି ଆମ୍ବୁଲାନ୍ସ ଯାଇପାରୁନାହିଁ, ତେବେ ଗ୍ରାମାଞ୍ଚଳର ମୌଳିକ ସ୍ୱାସ୍ଥ୍ୟସେବା ଓ ଯୋଗାଯୋଗ ବ୍ୟବସ୍ଥା କେତେ ସୁଦୃଢ଼ ସହଜ ରେ ଅନୁମାନ କରିହେଉଛିଷ ଏହି ସମସ୍ୟାର ସମାଧାନ ପାଇଁ ପ୍ରଶାସନ, କେବେ ପଦକ୍ଷେପ ନେଉଛି, ତାହାକୁ ଅପେକ୍ଷା କରିଛନ୍ତି ଗ୍ରାମବାସୀ ।

## ଶିଶୁ ମହୋତ୍ସବ ସୁରଭି - ୨୦୨୬ ର ମହକରେ ମହକି ଉଠୁଛି ଉଦଳା

**ଉଦଳା,:**ପ୍ରତିବର୍ଷପରି ଓଡ଼ିଶା ସରକାର, ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ତରଫରୁ ଶିଶୁ ମହୋତ୍ସବ 'ସୁରଭି-୨୦୨୬' କାର୍ଯ୍ୟକ୍ରମ ଆୟୋଜିତ ହେଉଛି । ଶିକ୍ଷା ମାଧ୍ୟମରେ ପିଲାମାନଙ୍କର ପୂର୍ଣ୍ଣାଙ୍ଗ ବିକାଶ, ବିଦ୍ୟାଳୟର ସର୍ବାଙ୍ଗୀନ ଉନ୍ନତି ତଥା ବିଦ୍ୟାଳୟର ବିଭିନ୍ନ କାର୍ଯ୍ୟକ୍ରମରେ ଗୋଷ୍ଠୀ ସହଯୋଗ ଓ ସଚେତନତା ଏହାର ଉଦେଶ୍ୟ ବୋଲି କୁହାଯାଉଛି । ତେବେ ଚଳିତ ବର୍ଷ ସୁରଭି ପାଇଁ 'ସମୃଦ୍ଧ ଭାଷା : ସମୃଦ୍ଧ ଓଡ଼ିଶା' ବିଷୟବସ୍ତୁ ରଖାଯାଇଛି । ଉଦଳାରେ କାର୍ଯ୍ୟରତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁବ୍ରତ କୁମାର କିସ୍କୁ ବିଭିନ୍ନ ଆଂଚଳିକ ସାଧନକେନ୍ଦ୍ର ସ୍ତରୀୟ ସୁରଭି-୨୦୨୬ ର କାର୍ଯ୍ୟକ୍ରମ ପରିଦର୍ଶନ କରି ଶିକ୍ଷକ ଶିକ୍ଷୟିତ୍ରି ମାନଙ୍କର ଉଦ୍ୟମକୁ ଭୂୟସୀ ପ୍ରଶଂସା କରିଛନ୍ତି । ଏହି ଅବସରରେ ଛାତ୍ର ଛାତ୍ରୀଙ୍କ ମଧ୍ୟରେ ସଂଗୀତ, ନୃତ୍ୟ, ଚିତ୍ରାଙ୍କନ, ବକ୍ତୃତା, କୁଇଜ ଇତ୍ୟାଦି ପ୍ରତିଯୋଗିତା ମାନ ଅନୁଷ୍ଠିତ ହୋଇ କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଉଛି । କଇଁସାରୀ କ୍ଲଷ୍ଟର ସ୍ତରୀୟ ଶିଶୁ ମହୋତ୍ସବ ସୁରଭି-୨୦୨୬ ସାନଖଲାଡ଼ିସ୍ଥିତ ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଚଳିତ ଅକ୍ଟୋବର ୧୦ ତାରିଖ ଦିନ ଅନୁଷ୍ଠିତ ହୋଇଥିବା ବେଳେ ଏଠାରେ କାର୍ଯ୍ୟରତ ସିଆରସିସି ଶାନ୍ତନୁ କୁମାର ଦାଶ ପରିଚାଳନାର ନେତୃତ୍ୱ ନେଇଥିଲେ । ସ୍ଥାନୀୟ ସରପଂଚ ସସ୍ମିତା ବାରିକ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବରେ ଯୋଗ ଦେଇଥିଲେ । ସେହିପରି ରାଢ଼ୋ କ୍ଲଷ୍ଟରରେ ଅକ୍ଟୋବର ୧୨ ତାରିଖ ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିବା ବେଳେ ସିଆରସିସି ଲଳିତ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ ।

## ପାଟଣା ବନବିଭାଗର ଚଢ଼ାଉ: କାଠ ସହ ଟ୍ରାକ୍ଟର ଜବତ

ପାଟଣା,(ମହାଭାରତ):କେନ୍ଦୁଝର ଜିଲ୍ଲା ପାଟଣା ବନାଞ୍ଚଳ ଅନ୍ତର୍ଗତ ଡିଆନାଳି ଗ୍ରାମ୍ୟ ଜଙ୍ଗଲ ରୁ ଆଜି ଏକ ବେଆଇନ କାଠ ବୋଝେଇ ଟ୍ରାକ୍ଟର ବନବିଭାଗ ଜବତ କରିଛି । ପାଟଣା ବନ ବିଭାଗ ପକ୍ଷରୁ ମିଳିଥିବା ସୂଚନା ଅନୁଯାୟୀ, ଡିଆନାଳି ଗ୍ରାମ୍ୟ ଜଙ୍ଗଲ ନିକଟରୁ ବେଆଇନ କାଠ କାଟି ଚୋରା ଚାଲାଣ ହେଉଥିବା ବେଳେ କୌଣସି ସୂତ୍ର ରୁ ପାଟଣା ବନବିଭାଗ ଖବର ପାଇ ଚଢାଉ କରି କାଠ ବୋଝେଇ ଟ୍ରାକ୍ଟର ଜବତ କରି ପାଟଣା ବନ୍ୟାଞ୍ଚଳ କାର୍ଯ୍ୟାଳୟ କୁ ଆଣି ଯାଇ ବନବିଭାଗ ଅଧିକ ତଦନ୍ତ ଜାରି ରଖିଛି

## କେନ୍ଦ୍ରାପଡା କଲେଜ ଛାତ୍ର ସଂସଦ ଶପଥ ଗ୍ରହଣ ଉତ୍ସବ ସ୍ଥଗିତ

**କେନ୍ଦ୍ରାପଡ଼ା,:**କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟର ନବ ନିର୍ବାଚିତ ଛାତ୍ରସଂସଦ କର୍ମକର୍ତ୍ତାମାନଙ୍କ ଶପଥ ଗ୍ରହଣ ଉତ୍ସବ ଶୁକ୍ରବାର ଅନୁଷ୍ଠିତ ହେବାକୁ ଥିବା ବେଳେ ତାହାକୁ ସ୍ଥଗିତ ରଖାଯାଇଛି । ଏନେଇ ମହାବିଦ୍ୟାଳୟର ଅଧ୍ୟକ୍ଷ ଚିତ୍ତରଞ୍ଜନ ଦାସ ଏକ ବିଜ୍ଞପ୍ତି ପ୍ରକାଶ କରିଛନ୍ତି । କିନ୍ତୁ କେଉଁ କାରଣ ପାଇଁ ଶପଥ ଗ୍ରହଣ ଉତ୍ସବ ସ୍ଥଗିତ ରଖାଗଲା ତାହାର କୌଣସି ଯୁକ୍ତିଯୁକ୍ତ କାରଣ ସେ ଗଣମାଧ୍ୟମକୁ ଦେଇପାରି ନାହାନ୍ତି । କେବଳ କେତେକ ଅନିବାର୍ଯ୍ୟ କାରଣ ଯୋଗୁଁ ଏହାକୁ ସ୍ଥଗିତ ରଖାଗଲା ବୋଲି ସେ ବିଜ୍ଞପ୍ତିରେ ଦର୍ଶାଇଛନ୍ତି । ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ଏହା ବଳବତ୍ତର ରହିବ ବୋଲି ସେ ସୂଚନା ଦେଇଛନ୍ତି । ବିଧି ଅନୁଯାୟୀ ଛାତ୍ରଛାତ୍ରୀମାନେ ଛାତ୍ରସଂସଦ ନିର୍ବାଚନରେ ବିଜୟୀ ହେବାର ପରଦିନ ଶପଥ ନେଇଥାନ୍ତି । ମହାବିଦ୍ୟାଳୟର ଅଧ୍ୟକ୍ଷ ନିର୍ବାଚିତ ଛାତ୍ରଛାତ୍ରୀମାନଙ୍କୁ ପଦ ଓ ଗୋପନୀୟତାର ଶପଥ ପାଠ କରାଇଥାନ୍ତି । ଏହାପରେ ସେମାନେ ବିଧିବଦ୍ଧ ଭାବେ ମହାବିଦ୍ୟାଳୟରେ ନିର୍ବାଚିତ ପ୍ରତିନିଧି ଭାବେ ଘୋଷିତ ହୋଇଥାନ୍ତି । କିନ୍ତୁ ଶପଥ ଗ୍ରହଣ ଉତ୍ସବ ଅନୁଷ୍ଠିତ ହୋଇନଥିବାରୁ ନିର୍ବାଚିତ ପ୍ରତିନିଧିମାନେ ବିଧିବଦ୍ଧ ଭାବେ ନେତା ହୋଇପାରିବେ ନାହିଁ । ଏହାକୁ ନେଇ ନିର୍ବାଚିତ ପ୍ରତିନିଧିମାନଙ୍କ ମଧ୍ୟରେ ପ୍ରତିକ୍ରିୟା ପ୍ରକାଶ ପାଇଛି । ଶାସକ ବିଜେପି ସମର୍ଥିତ ଏ.ବି.ଭି.ପି.ର ପ୍ରାର୍ଥୀମାନେ ହାରି ଯିବାରୁ ପ୍ରଶାସନିକ କଳକୁ ସରକାର ବ୍ୟବହାର କରି ଏଭଳି ଅଗଣତାନ୍ତ୍ରିକ କାର୍ଯ୍ୟ କରିଛନ୍ତି ବୋଲି ନିର୍ବାଚିତ ଛାତ୍ରନେତାମାନେ ପ୍ରକାଶ କରିଛନ୍ତି । ଏସମ୍ପର୍କରେ ମହାବିଦ୍ୟାଳୟ ଅଧ୍ୟକ୍ଷ ଶ୍ରୀ ଦାସଙ୍କ ପ୍ରତିକ୍ରିୟା ନେବାରୁ ସେ କହିଲେ ଆଇନଶୃଙ୍ଖଳା ପରିସ୍ଥିତିକୁ ଆଖିଆଗରେ ରଖି ଷ୍ଟାଫ କାଉନସିଲ ବୈଠକ ଡକାଯାଇଥିଲା । ବୈଠକର ନିଷ୍ପତ୍ତି କ୍ରମେ ଶପଥ ଗ୍ରହଣ ଉତ୍ସବକୁ ସ୍ଥଗିତ ରଖାଯାଇଛି ବୋଲି ଅଧ୍ୟକ୍ଷ ଶ୍ରୀ ଦାସ କହିଛନ୍ତି ।

## ଏନ୍‌ଏସି ପକ୍ଷରୁ ସ୍ୱଚ୍ଛତା ସମ୍ବର୍ଦ୍ଧନା ଉତ୍ସବ ପରିବେଶ ସୁରକ୍ଷା ପାଇଁ ପ୍ରକୃତିବନ୍ଧୁ ସୁକାନ୍ତ ସାର୍ ସମ୍ବର୍ଦ୍ଧିତ



ଓଡ଼ଗାଁ,(ମହାଭାରତ): ଓଡ଼ଗାଁ ଏନଏସି ପକ୍ଷରୁ ବ୍ଲକ୍ ରୋଡ଼ ସ୍ଥିତ କଲ୍ୟାଣମଣ୍ଡପ ଠାରେ ଶୁକ୍ରବାର ସ୍ୱଚ୍ଛତା ସମ୍ବର୍ଦ୍ଧନା ଉତ୍ସବ ଓ ବଡ଼ାଖାନା ଅନୁଷ୍ଠିତ ହୋଇଯାଇଛି ।ଦୀର୍ଘ ୧ମାସ ଧରି ଚାଲିଥିବା ସ୍ୱଚ୍ଛତା ହିଁ ସେବା କାର୍ଯ୍ୟକ୍ରମ ଆଜି ଉଦଯାପିତ ହୋଇଯାଇଛି ।ଏ ଅବସରରେ ଏନ୍‌ଏସି କାର୍ଯ୍ୟ ନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରାଙ୍କ ସଭାପତିତ୍ୱରେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଗ୍ନଜିତ ରାଉତ ମୁଖ୍ୟଅତିଥି ଭାବେ ଯୋଗଦେଇ ଓଡ଼ଗାଁ ଏନ୍‌ଏସି ପରିମଳ ଠାରୁ ଆରମ୍ଭକରି ଆଲୋକୀକରଣ,ହୋଲ୍ଡିଂ ଟାକ୍ସ ଆଦାୟରେ ରେକର୍ଡ଼ ସୃଷ୍ଟି କରିଛି ।ଖୁବକମ୍ ଦିନର ଏନ୍‌ଏସି ସବୁକ୍ଷେତ୍ରରେ ଶିର୍ଷରେ ରହିଛି ତାହା ନୁହଁ ଲୋକଙ୍କୁ ସେବା ଯୋଗାଇବାରେ ସଫଳ ହୋଇଥିବା କହିଥିଲେ ।ଅନ୍ୟତମ ଅତିଥି ଭାବେ ବିଡ଼ିଓ ପ୍ରୀତିବାଳା ରଣା ଓ ତହସିଲ ଦାର ଡ ମାନସ ରଞ୍ଜନ ଭୋଇ ଯୋଗଦେଇ ଏନ୍‌ଏସିର ସ୍ୱଚ୍ଛତାକୁ ନେଇ ପ୍ରଶଂସା କରିଥିଲେ ।ରାତିପାହିଲେ ସ୍ୱଚ୍ଛସାଥୀ ଘରକୁଘର ବୁଲି ଅଳିଆସଂଗ୍ରହ କରିବାସହ ରାସ୍ତାଘାଟ ସଫା କରିବାରେ ପ୍ରମୁଖ ଭୂମିକା ନେଇଥାନ୍ତି । ବନାଞ୍ଚଳ ଅଧିକାରୀ ଅଭିମନ୍ୟୁ ମଲ୍ଲିକ ଓଡ଼ଗାଁ ଏନ୍‌ଏସି ଅଗ୍ରଗତି ହେବାରେ ଏନ୍‌ଏସି କର୍ମଚାରୀଙ୍କ ଯେତିକି ଦାୟିତ୍ୱ ରହିଛି ଜନସାଧାରଣଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ଥିବାପ୍ରକାଶ କରିଥିଲେ । କେ ?ାଣସି ଜାଗାରେ ଅଳିଆ ରହିଥିଲେ ସେମାନେ ଏନ୍‌ଏସି କର୍ମଚାରୀଙ୍କ ସହ ଯୋଗାଯୋଗ କରି ସମସ୍ୟା ସମାଧାନ କରିଥାନ୍ତି ।ସ୍ୱଚ୍ଛତା କାର୍ଯ୍ୟକ୍ରମରେ ଓଡ଼ଗାଁ ପ୍ରାଥମିକ ବିଦ୍ୟାଳୟ ଶ୍ରେଷ୍ଠ ବିଦ୍ୟାଳୟ ଭାବେ ପୁରସ୍କୃତ ହୋଇଥିବାବେଳେ ଓଡ଼ଗାଁ ବନାଞ୍ଚଳ କାର୍ଯ୍ୟାଳୟ ବୃକ୍ଷରୋପଣ କରି ଗେ ?ାରବ ଅର୍ଜନ କରିଥିବାରୁ ତାଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଛି ।କୁରାଳ ଗ୍ରାମର ଅବସରପ୍ରାପ୍ତ ଶିକ୍ଷକ ତଥା ପ୍ରକୃତିବନ୍ଧୁ ସୁକାନ୍ତ କୁମାର ଚେ ?ାଧୁରୀ ଅହରହ ପରିବେଶ ସୁରକ୍ଷା ଉପରେ ଗୁରୁତ୍ୱ ଦେଇ ଜନସାଧାରଣଙ୍କୁ ପଲିଥିନ୍, ପ୍ଲାଷ୍ଟିକ ବ୍ୟବହାର ନକରିବାକୁ ସଚେତନ ସୃଷ୍ଟି କରିଥାନ୍ତି ।ଘରୁ କପଡ଼ା ବ୍ୟାଗରେ ପନିପରିବା ଆଣିବା, ପତ୍ରଖଲିରେ ଖାଇବାପାଇଁ ସମସ୍ତଙ୍କୁ ପରମର୍ଶ ଦେଉଥିବାରୁ ତାଙ୍କୁ ମଧ୍ୟ ଶ୍ରେଷ୍ଠ ପ୍ରକୃତିବନ୍ଧୁ ଭାବେ ସମ୍ବର୍ଦ୍ଧିତ କରାଯାଇଛି ।କାର୍ଯ୍ୟକ୍ରମ ଶେଷରେ ସମସ୍ତ ସ୍ୱଚ୍ଛସାଥୀ,ଏନ୍‌ଏସି କର୍ମଚାରୀ, ଗଣମାଧ୍ୟମ ପ୍ରତିନିଧି ଓ ସରକାରୀ କର୍ମଚାରୀ ବଡ଼ାଖାନା ଦ୍ୱାରା ପ୍ରସ୍ତୁତ ହୋଇଥିବା ସୁସ୍ୱାଦୁ ଭୋଜନର ମଜା ନେଇଥିଲେ ।କାର୍ଯ୍ୟକ୍ରମକୁ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ତଥା ପ୍ରକୃତିବନ୍ଧୁ ପଞ୍ଚାନନ ପଣ୍ଡା ଓ ଶିକ୍ଷକ ତଥା ପ୍ରକୃତିବନ୍ଧୁ ରଞ୍ଜନ କୁମାର ଦାଶ ପରିଚାଳନା କରିଥିଲେ ।

## ସେବା ସଙ୍କଳ୍ପ ଅଭିଯାନ ଅନ୍ତର୍ଗତ ମହିଳା ମାନଙ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର




**ରାଉରକେଲା:**ସେବା ସଂକଳ୍ପ ଅଭିଯାନ ଅନ୍ତର୍ଗତ ମହିଳା ମାନଙ୍କ ସ୍ୱାସ୍ଥ୍ୟ ସଚେତନତା ଶିବିର ସେକ୍ଟର ୧୬ ସ୍ଥିତ ଶ୍ରଦ୍ଧା ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି ସଚେତନତା ସଭାରେ ମୁଖ୍ୟ ଅତିଥି ଭାବେ ରାଉରକେଲା ର ବିଶିଷ୍ଟ ସମାଜସେବୀ ତଥା ପରାମର୍ଶଦାତା ପୁଷ୍ପାରାଣୀ ମିଶ୍ର ଯୋଗ ଦେଇ ମହିଳା ମାନଙ୍କର ସୁସ୍ଥ ଜୀବନ ଶୈଳୀ,କର୍କଟ ରୋଗ ଜନିତ ସମସ୍ୟାକୁ କିଭଳି ଭାବେ ଦୂର କରି ପାରିବା ଜଣେଇ ଥିଲେ । ସେ କହିଥିଲେ ଯେ, ମା ମାନେ ପ୍ରଥମେ ସେମାନଙ୍କର ନିଜ ସ୍ୱାସ୍ଥ ର ଯତ୍ନ ନେବା ସହିତ ସର୍ବଦା ନିଜକୁ ଖୁସି ରଖି ପରିବାର ର ଅନ୍ୟମାନଙ୍କୁ ଖୁସି ବାଣ୍ଟିବା ଉଚିତ । ଘରର ଜଣେ ଗୃହିଣୀ ହିଁ ପରିବାର ର ପ୍ରକୃତ ପ୍ରଯତ୍ନଦାୟିକା । ଏଥିପାଇଁ ତାଙ୍କୁ ସବୁ ଦିଗରେ ସଚେତନତା ଦରକାର । ସମ୍ମାନିତ ଅତିଥି ଭାବେ ଡକ୍ଟର ରଶ୍ମୀ ଯାଦବ ତାଙ୍କ ବକ୍ତବ୍ୟରେ କହିଥିଲେ ଥିଲେ ଯେ ମହିଳା ମାନେ ନିଜକୁ ପ୍ରଥମ ପ୍ରାଥମିକତା ଦେବା ନିତ୍ୟାନ୍ତ ଆବଶ୍ୟକ ଅଟେ । ପରିବାର ର ପୁଅ ଏବଂ ଝିଅ ଙ୍କୁ ମା ମାନେ ତାଙ୍କର ସାଙ୍ଗ ଭଳି ଯୁବ ଅବସ୍ଥା ସମୟରେ ବିଭିନ୍ନ ସମସ୍ୟା କୁ କିପରି ସମାଧାନ କରାଯିବ ତାଙ୍କ ସହିତ ଖୋଲା ମନରେ ଆଲୋଚନା କରିବା ଦରକାର । ଶ୍ରଦ୍ଧା ଅନୁଷ୍ଠାନର ଫିଜିଓ ଥେରାପିଷ୍ଟ ଆଲୋକ ସାହୁ ମାଂସ ପେଶୀ ଜନିତ ସମସ୍ୟା ଉପରେ ତାର କାରଣ ଓ ନିରାକରଣ ଉପରେ ସବିଶେଷ ବିବରଣୀ ପ୍ରଦାନ କରିଥିଲେ । ସି. ଡବ୍ଲୁ. ଏସ. ହସ୍ପିଟାଲ ର ନର୍ସିଂ ସୁପରି ଟେନଣ୍ଡେଣ୍ଟ ଡ ପ୍ରଭାସିନୀ ବାର୍ଲା ବୟସ ବଢ଼ିଲେ ମହିଳା ମାନଙ୍କର ଜୀବନରେ ହେଉଥିବା ଶାରୀରିକ, ସାମାଜିକ ଏବଂ ମାନସିକ ପରିବର୍ତ୍ତନ ବିଷୟ ରେ ଏବଂ ସ୍ୱାସ୍ଥ୍ୟ ପାଇଁ ସଫାସୁତୁରାର ଆବଶ୍ୟକତା ଉପରେ ଗୁରୁତ୍ୱାରୋପ କରିଥିଲେ । ଶ୍ରଦ୍ଧା ଉପସଭାପତି ଡଃ. ପ୍ରଭାକର ନାୟକ ତାଙ୍କ ବକ୍ତବ୍ୟରେ ଦର୍ଶାଇଥିଲେ ଯେ ଆଜି ର ଦିନ ରେ ନିରୋଗ ଓ ଭଲ ସ୍ୱାସ୍ଥ୍ୟ ପାଇଁ ଯୋଗ ଓ ପ୍ରାଣୟାମ ର ଆବଶ୍ୟକତା ରହିଛି । ଏହା ନିତିଦିନିଆ ଭାବେ ଅଭ୍ୟସ୍ତ ହେଲେ , ମନକୁ ସଂଯମତା ସହିତ ଶାନ୍ତି ମିଳିଥାଏ । ଆଉ ମନ ଶାନ୍ତ ରହିଲେ ସ୍ୱାସ୍ଥ୍ୟ ଭଲ ରହିବ । ପ୍ରାରମ୍ଭରେ ଶ୍ରଦ୍ଧା ର ସମ୍ପାଦକ କାର୍ତ୍ତିକ ଚନ୍ଦ୍ର ପାଣ୍ଡବ ଅତିଥି ପରିଚୟ ଓ ସ୍ୱାଗତ ଅଭିଭାଷଣ ଦେବା ସହିତ କାର୍ଯ୍ୟକ୍ରମ ର ଆଭିମୁଖ୍ୟ ଉପରେ ଆଲୋକପାତ କରିଥିଲେ ଏବଂ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ସେକ୍ଟର ୧୬ ଏ ବ୍ଲକ, ସି ବ୍ଲକ, ଜଗନ୍ନାଥପଲ୍ଲୀ, ତୁମକେଲା ଆଦି ଅଂଚଳରୁ, ମିରର ଫାଉଣ୍ଡେସନ ର କର୍ମୀ, ଶ୍ରଦ୍ଧା ସ୍କୁଲ ର ଶିକ୍ଷୟତ୍ରୀ, ଅଭିଭାବକ ମୋଟ ୮୦ ରୁ ଉର୍ଦ୍ଧ୍ୱ ଅଂଶଗ୍ରହଣକାରୀ ଭାଗନେଇ କାର୍ଯ୍ୟକ୍ରମ କୁ ସଫଳ କରିଥିଲେ । ସୁକୁମାର ପାଣ୍ଡବ, ଗଗନ ମହାନ୍ତି, ଧୀରେନ୍ କୁମାର ଓଝା, ସୁଜାତା ରାଉତ, ଅଞ୍ଜଳି ମହାରଣା,ସୈ ।ଦାମିନୀ ପଟ୍ଟନାୟକ, ଇତିଶ୍ରୀ ଦାସ, ଚନ୍ଦ୍ରିକା ପାଣ୍ଡବ,ଶ୍ୱେତାଙ୍ଗିନୀ ଦଣ୍ଡସେନା, ଅର୍ଚ୍ଚନା ମିଞ୍ଜ ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମ ପରିଚାଳନା ରେ ସହଯୋଗ କରିଥିଲେ ।

# ସମ୍ବଲପୁର ବିଶ୍ୱବିଦ୍ୟାଳୟରେ 'ବନ୍ଦେ ମାତରମ୍ କ୍ୟାମ୍ପ'ର ଉଦ୍‌ଯାପନୀ ସମାରୋହ

**ସମ୍ବଲପୁର, ୧୭।୧୦**

ମେରା ଯୁବ ଭାରତ, ସମ୍ବଲପୁର ପକ୍ଷରୁ ଆୟୋଜିତ 'ବନ୍ଦେ ମାତରମ୍ କ୍ୟାମ୍ପ'ର ଉଦ୍ ?ଯାପନୀ ସମାରୋହ ଶୁକ୍ରବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଏହି କ୍ୟାମ୍ପରେ ଆନ୍ଧ୍ରପ୍ରଦେଶ, ଛତିଶଗଡ଼, ଦିଲ୍ଲୀ, ମଧ୍ୟପ୍ରଦେଶ, ମିଜୋରାମ ଓ ପଶ୍ଚିମବଙ୍ଗ ଆଦି ୬ଟି ରାଜ୍ୟର ଯୁବ ପ୍ରତିନିଧିମାନେ ଯୋଗଦେଇ ଜାତୀୟ ଏକତା, ଦେଶପ୍ରେମ ଓ ସାଂସ୍କୃତିକ ଆଦାନପ୍ରଦାନର ବାର୍ତ୍ତା ଦେଇଥିଲେ । ଉଦ୍‌ଯାପନୀ ସମାରୋହରେ ଅତିଥିମାନଙ୍କୁ ମଞ୍ଚକୁ ସ୍ୱାଗତ କରାଯିବା ପରେ ଜାତୀୟ ସଙ୍ଗୀତ 'ବନ୍ଦେ ମାତରମ୍' ଓ ଜାତୀୟ ସଙ୍ଗୀତ 'ଜନ ଗଣ ମନ'ର ପରିବେଷଣ କରାଯାଇଥିଲା । ଏହାପରେ ସମ୍ବଲପୁର ଜିଲ୍ଲା ଯୁବ ଅଧିକାରୀ ଶ୍ରୀ ପ୍ରସନ୍ନ ମେହେର କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ଓ ଏହାର ଗୁରୁତ୍ୱ ସମ୍ପର୍କରେ ଆଲୋକପାତ କରିଥିଲେ । ସମାରୋହରେ ସମ୍ବଲପୁରର ସାମାଜିକ କର୍ମୀ ସୂର୍ଯ୍ୟ ପାଣିଗ୍ରାହୀ ମଧ୍ୟ ଯୋଗଦେଇଥିଲେ । କ୍ୟାମ୍ପରେ ସେ ଯୁବପିଢ଼ିଙ୍କୁ ଗଣମାଧ୍ୟମ ଓ ସାମାଜିକ ଗଣମାଧ୍ୟମର ଭୂମିକା, ଦାୟିତ୍ୱପୂର୍ଣ୍ଣ ଗଣମାଧ୍ୟମ ବ୍ୟବହାର, ସୂଚନାର ସତ୍ୟତା ଯାଞ୍ଚ ଏବଂ ସମାଜରେ ସକାରାତ୍ମକ ପରିବର୍ତ୍ତନ ଆଣିବାରେ ମିଡିଆର ଗୁରୁତ୍ୱ ସମ୍ପର୍କରେ ଏକ ଶିକ୍ଷଣୀୟ ଅଧିବେଶନ ପ୍ରଦାନ କରିଥିଲେ । ଏହି ଅଧିବେଶନ ଯୁବ ପ୍ରତିନିଧିମାନଙ୍କୁ ଡିଜିଟାଲ୍ ଯୁଗରେ ସଚେତନ ଓ ଦାୟିତ୍ୱବାନ ନାଗରିକ ହେବା ପାଇଁ ପ୍ରେରଣା ଯୋଗାଇଥିଲା ।ସମାରୋହରେ ଅତିଥିମାନେ ଯୁବଶକ୍ତିର ଗୁରୁତ୍ୱ ଓ ରାଷ୍ଟ୍ର ନିର୍ମାଣରେ ଯୁବକଯୁବତୀଙ୍କ ଭୂମିକା ଉପରେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ସମ୍ବଲପୁର ବିଶ୍ୱବିଦ୍ୟାଳୟର କୁଳସଚିବ ପ୍ରଫେସର ପ୍ରଦୀପ କୁମାର ନାଏକ, ସମ୍ବଲପୁରର ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଅଶୋକ କୁମାର ଭୋଇ, ମେରା ଯୁବ ଭାରତ ଓଡ଼ିଶାର ରାଜ୍ୟ ନିର୍ଦ୍ଦେଶକ ଶ୍ରୀ ଶକ୍ତି ସ୍ୱରୂପ ସିଂହ ଏବଂ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ବିଧୁଭୂଷଣ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ । କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟରେ ବିଭିନ୍ନ ରାଜ୍ୟରୁ ଆସିଥିବା ପ୍ରତିନିଧିମାନେ ନିଜ ଅନୁଭୂତି ବାଣ୍ଟିଥିଲେ । ବୌଦ୍ଧ ଜିଲ୍ଲା ଯୁବ ଅଧିକାରୀ ସୁଶ୍ରୀ ପ୍ରେରଣା ମୀନା ଧନ୍ୟବାଦ ଅର୍ପଣ କରିଥିଲେ । ଜାତୀୟ ଏକତା, ଯୁବ ନେତୃତ୍ୱ, ସାମାଜିକ ଦାୟିତ୍ୱ ଓ ଦେଶପ୍ରେମର ଭାବନାକୁ ସୁଦୃଢ଼ କରିବାର ସଂକଳ୍ପ ସହ 'ବନ୍ଦେ ମାତରମ୍ କ୍ୟାମ୍ପ'ର ଉଦ୍ ?ଯାପନ ହୋଇଥିଲା । ମେରା ଯୁବ ଭାରତ, ସମ୍ବଲପୁର ପକ୍ଷରୁ ଆୟୋଜିତ ଏହି କ୍ୟାମ୍ପ ଦେଶର ବିଭିନ୍ନ ରାଜ୍ୟର ଯୁବପିଢ଼ିଙ୍କ ମଧ୍ୟରେ ଭାଇଚାରା, ଜାତୀୟ ସଂହତି ଓ ସାମାଜିକ ସଚେତନତା ବୃଦ୍ଧି କରିବାର ଏକ ଉଲ୍ଲେଖନୀୟ ପ୍ରୟାସ ହୋଇଥିଲା ।



# ଗିରଫ ପରେ ଦୀପ୍‌କେଙ୍କୁ ଜାମିନ୍

## ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ବେଳେ ଉଠାଇ ନେଇଥିଲା ପୋଲିସ୍



**ନୂଆଦିଲ୍ଲୀ,୧୭।୧୦:** କକ୍ରୋଚ ଜନତା ପାର୍ଟିର ପ୍ରତିଷ୍ଠାତା ଅଭିଜିତ ଦୀପକେ ଗିରଫ। ତ୍ରିରଙ୍ଗା ଯାତ୍ରା ପାଇଁ ଉଦ୍ୟମ କରି ଶୁକ୍ରବାର ଅଟକ ଥିବା ଦୀପକେଙ୍କୁ ଦିଲ୍ଲୀ ପୁଲିସ୍ ପ୍ରତିଷେଧକ ମୂଳକ ପ୍ରାବଧାନ ଆଧାରେ ଗିରଫ କରିଛି। ତେବେ ସର୍ବ ଭାରତୀୟ ଛାତ୍ର ସଂଗଠନ ବା ଆଇସା ମୁଖ୍ୟ ନେହା ବୋରାଙ୍କୁ ପୁଲିସ୍ ପାହାନ୍ତିଆରୁ ରିଲିଜ୍ କରି ଦେଇଥିବା ଜଣାପଡ଼ିଛି। ଦୀପକେଙ୍କ ଭଳି ନେହାଙ୍କୁ ମଧ୍ୟ ତ୍ରିରଙ୍ଗା ଯାତ୍ରା କାର୍ଯ୍ୟକ୍ରମ ବେଳେ ପୁଲିସ୍ ଉଠାଇ ନେଇଥିଲା। ଦିଲ୍ଲୀ ପୁଲିସ୍ ଆଇନର ଧାରା ୬୫ ଅନୁସାରେ ନେହା ବଣ୍ଡ ଦସ୍ତାବିଜରେ ଦସ୍ତଖତ କରିବା ପରେ ପୋଲିସ୍ ହେପାଜତରୁ ତାଙ୍କୁ ଖଲାସ କରାଯାଇଛି। ପୁଲିସ୍‌ର କହିବା କଥା ଯେ ଭାରତୀୟ ନ୍ୟାୟ ସଂହିତାର ଧାରା ୧୨୬ ଓ ୧୨୭ ଅନୁସାରେ ଦୀପକେଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ଆଜି ତାଙ୍କୁ ସ୍ୱତନ୍ତ୍ର କାର୍ଯ୍ୟନିର୍ବାହୀ ମାଜିଷ୍ଟ୍ରେଟଙ୍କ ଆଗରେ ପୋଲିସ୍ ହାଜର କରାଇବ। କନୌଟ ପ୍ଲେସରେ ଥିବା କେନ୍ଦ୍ରୀୟ ପାର୍କକୁ ନ ଯିବା ପାଇଁ ଦୀପକେଙ୍କୁ ୨ ଥର ପୋଲିସ୍ ନୋଟିସ କରିଥିଲା। ହେଲେ ସେ ଏହାକୁ ଉଲ୍ଲଙ୍ଘନ କରିଥିବା ପୋଲିସ୍ ଅଭିଯୋଗ କରିଛି। ତାଙ୍କୁ ଶୃଙ୍ଖଳା ଭଙ୍ଗ ପାଇଁ ପ୍ରଥମେ ଅଟକ ଓ ପରେ ପ୍ରତିଷେଧକ ବ୍ୟବସ୍ଥା ସ୍ୱରୂପ ଗିରଫ କରାଯାଇଛି। ପୂର୍ବରୁ ଏକଦା ଅଟକ ରହିବା ବେଳେ ଦୀପକେ ଗୋଟିଏ ବଣ୍ଡରେ ଦସ୍ତଖତ କରିଥିଲେ। ସେ ୫୦ ହଜାର ଟଙ୍କାର ବଣ୍ଡ ବଳରେ ମୁକ୍ତ ହୋଇଥିଲେ। ଏହି ସମୟରେ ସେ ବର୍ଷକ ପାଇଁ ସର୍ବସାଧାରଣ ଶୃଙ୍ଖଳା ଭଙ୍ଗ କରିବେ ନାହିଁ ବୋଲି କହିଥିଲେ। ତଥାପି ସେ ଶୁକ୍ରବାର ଶୃଙ୍ଖଳା ଭଙ୍ଗ ପାଇଁ ଉଦ୍ୟମ କରିଥିବା ପୋଲିସ୍ ମାଜିଷ୍ଟ୍ରେଟଙ୍କୁ କହିପାରେ। ଏପଟେ ସିଜେପି ଅଭିଯୋଗ କରିଛି ଯେ ଦୀପକେଙ୍କୁ ପୋଲିସ୍ ଏବେ ଅଜଣା ସ୍ଥାନରେ ଲୁଚାଇ ରଖିଛି। ଦଳ ତାଙ୍କ ସହ ଯୋଗାଯୋଗ କରିପାରୁ ନାହିଁ। ସେହିପରି ଦୀପକେଙ୍କୁ ତାଙ୍କ ଓକିଲମାନଙ୍କ ସହ ମଧ୍ୟ ଭେଟିବାକୁ ପୋଲିସ୍ ଦେଉନାହିଁ। କିନ୍ତୁ ଏ ସମ୍ପର୍କରେ ଦିଲ୍ଲୀ ପୋଲିସ୍ କିଛି ବି କହିନାହିଁ।

### ସରକାରଙ୍କୁ ଚେତାବନୀ ଦେଲେ ସୁପ୍ରିମକୋର୍ଟ

# ସମସ୍ୟାର ସମାଧାନ ନ ହେଲେ ଧାରଣାରେ ବସିବୁ

## ଭ ପଥଚାରୀଙ୍କ ପାଇଁ ଉପଯୁକ୍ତ ବ୍ୟବସ୍ଥା ନ ହେଲେ



**ନୂଆଦିଲ୍ଲୀ,୧୭।୧୦:** ସରକାରଙ୍କୁ ସୁପ୍ରିମକୋର୍ଟଙ୍କ ଗୋଟିଏ ଅପ୍ରତ୍ୟାଶିତ ଚେତାବନୀ। ଦରକାର ପଡ଼ିଲେ ପ୍ରଶାସନ ବିରୋଧରେ ବିଚାରପତିମାନେ ମଧ୍ୟ ଧାରଣାରେ ବସିବାକୁ ପଛାଇବେ ନାହିଁ ବୋଲି କହିଛନ୍ତି ସର୍ବୋଚ୍ଚ ଅଦାଲତ। ଦିଲ୍ଲୀ ହାଇକୋର୍ଟ ନିକଟରେ ପଥଚାରୀଙ୍କ ପାଇଁ କୌଣସି ଉପଯୁକ୍ତ ବ୍ୟବସ୍ଥା ପ୍ରଶାସନ କରୁ ନଥିବାରୁ ସୁପ୍ରିମକୋର୍ଟ ଏପରି ଧାରଣା ଚେତାବନୀ ଦେଇଛନ୍ତି। ସୁପ୍ରିମକୋର୍ଟ କହିଛନ୍ତି ଯେ ଆଗାମୀ ଶୁଣାଣି ପୂର୍ବରୁ ଯଦି ସମସ୍ୟାର ସମାଧାନ ହୋଇ ନଥିବ, ତା'ହେଲେ ବିଚାରପତିମାନେ କୋର୍ଟଙ୍କ ମୁଖ୍ୟ ଗେଟ୍ ନିକଟରେ ଧାରଣାରେ ବସିବେ। ସୁପ୍ରିମକୋର୍ଟ ବିଚାରପତି ଜଷ୍ଟିସ ଜେବି ପାର୍ଡିୱାଲା ଓ କେବି ବିନୋଦ ଚନ୍ଦ୍ରନ ପଥଚାରୀଙ୍କ ପାଇଁ ମୌଳିକ ଭିତ୍ତିଭୂମି ନିଶ୍ଚିତ କରିବାରେ ପ୍ରଶାସନ ବିଫଳ ହୋଇଥିବାରୁ ଗଭୀର ଅସନ୍ତୋଷ ପ୍ରକାଶ କରିଛନ୍ତି। କେବଳ କମିଟି ଗଠନ କରିବା ଯଥେଷ୍ଟ ନୁହେଁ ଓ ତୃଣମୂଳ ସ୍ତରରେ ଗଠନମୂଳକ ପଦକ୍ଷେପ ଜରୁରୀ ବୋଲି ଖଣ୍ଡପୀଠ କହିଛନ୍ତି। ଏହି ସମୟରେ ଖଣ୍ଡପୀଠ ସେମାନଙ୍କ ଆଭିମୁଖ୍ୟ ମଧ୍ୟ ସ୍ପଷ୍ଟ କରିଛନ୍ତି। ଅତିରିକ୍ତ ସଲିସିଟର ଜେନେରାଲ ବିକ୍ରମଜିତ ବାନାର୍ଜୀଙ୍କୁ ଖଣ୍ଡପୀଠ କହିଛନ୍ତି ଯେ କାମ ସଂପୂର୍ଣ୍ଣ ଭାବେ ଶେଷ ନ ହେବା ଯାଏ ସେମାନେ ଧାରଣା ସ୍ଥଳ ଛାଡ଼ିବେ ନାହିଁ। ଦୁଇ ବିଚାରପତିଙ୍କ ଖଣ୍ଡପୀଠ କହିଛନ୍ତି ଯେ "ଯଦି ପରବର୍ତ୍ତୀ ଶୁଣାଣି ପୂର୍ବରୁ ଆପଣ କାମ କରିବେ ନାହିଁ, ତା'ହେଲେ ଆମେ ଦୁଇ ଜଣ ଦିଲ୍ଲୀ ହାଇକୋର୍ଟ ମୁଖ୍ୟ ଗେଟ୍ ନିକଟରେ ଧାରଣା ଦେବୁ। ଆପଣମାନେ କାମ ଶେଷ ନ କରିବା ଯାଏ ଆମେ ଘରକୁ ଯିବୁ ନାହିଁ। ଏହାକୁ ଭଲ ଭାବେ ମନେ ରଖନ୍ତୁ। ସେଠାରେ ଆମେ ଧାରଣାରେ ବସିବୁ। ଆମେ ବାନାର୍ଜୀଙ୍କୁ ମଧ୍ୟ ଘରକୁ ଯିବାକୁ ଦେବୁ ନାହିଁ।" ଶୁଣାଣି ବେଳେ ଫୁଟପାଥ ନିର୍ମାଣରେ ଆଉ ବିଳମ୍ବ ସହ୍ୟ କରାଯାଇ ପାରିବ ନାହିଁ ବୋଲି କୋର୍ଟ କହିଛନ୍ତି। ଯଦି ଉପଯୁକ୍ତ ପଦକ୍ଷେପ ନିଆ ନ ଯିବ, ତା'ହେଲେ ଦିଲ୍ଲୀ ସରକାରଙ୍କ ମୁଖ୍ୟ ଶାସନ ସଚିବଙ୍କୁ କୋର୍ଟ ସମନ କରିବେ ବୋଲି ମଧ୍ୟ ଚେତାବନୀ ଦେଇଛନ୍ତି। ସୁପ୍ରିମକୋର୍ଟଙ୍କ କହିବା କଥା ଯେ ପଥଚାରୀଙ୍କ ପାଇଁ ସୁରକ୍ଷିତ ଫୁଟପାଥ ହେଉଛି ଗୋଟିଏ ମୌଳିକ ଅଧିକାର। ଏହା ଧାରା ୨୧ ମଧ୍ୟରେ ସୁରକ୍ଷିତ ରହିଛି। ଧାରା ୨୧ ଜୀବନର ଅଧିକାରକୁ ନିଶ୍ଚିତ କରିଛି ଓ ଧାରା ୧୯(୧)(ଡି)ରେ ମୁକ୍ତ ଚଳପ୍ରଚଳର ପ୍ରାବଧାନ ରହିଛି। କୋର୍ଟ ସମସ୍ତ ରାଜ୍ୟ ଓ କେନ୍ଦ୍ର ଶାସିତ ଅଞ୍ଚଳଗୁଡ଼ିକୁ ମଧ୍ୟ ରାସ୍ତା କଡ଼ରେ ଥିବା ଫୁଟପାଥକୁ ଚିହ୍ନଟ କରନ୍ତୁ ଓ ଏହାକୁ ଜବରଦଖଲରୁ ମୁକ୍ତ ରଖନ୍ତୁ।

# ନିୟନ୍ତ୍ରଣ ରେଖା ନିକଟରେ ସେନାକୁ ବଡ଼ ସଫଳତା, ୨ ଆତଙ୍କବାଦୀ ନିହତ



**କୁପୱାଡା,୧୭।୧୦:** ଜମ୍ମୁ-କାଶ୍ମୀରରେ ଭାରତ-ପାକିସ୍ତାନ ନିୟନ୍ତ୍ରଣ ରେଖା (ଏଲଓସି) ନିକଟରେ ସେନାକୁ ମିଳିଛି ବଡ଼ ଧରଣର ସଫଳତା। କୁପୱାଡାରେ ଶନିବାର ଭୋର ପ୍ରାୟ ୩ଟା ୩୦ ମିନିଟ୍‌ରେ କୈରନ୍ ସେକ୍ଟରର ଜୁମାଗୁଡ ଅଞ୍ଚଳରେ ଏହି ସଂଘର୍ଷ ହୋଇଥିଲା। ଏଥିରେ ଦୁଇ ଆତଙ୍କବାଦୀ ନିହତ ହୋଇଥିବାର ଖବର ମିଳିଛି। ବର୍ତ୍ତମାନ ସେଠାରେ ତଲାସୀ ଅଭିଯାନ ଜାରି ରହିଛି। ଅଧିକାରୀଙ୍କ କହିବା ଅନୁସାରେ, ଶନିବାର ଜମ୍ମୁ-କଶ୍ମୀରର କୁପୱାଡା ଜିଲ୍ଲାରେ ଆତଙ୍କବାଦୀ ଓ ସୁରକ୍ଷାବଳ ମଧ୍ୟରେ ସଂଘର୍ଷ ହୋଇଥିଲା। ଏବେ ତାହା ସ୍ପଷ୍ଟ ହୋଇନି ଯେ, ଅନୁପ୍ରବେଶ ଚେଷ୍ଟା କରାଯାଇଥିଲା କି ନାହିଁ। ଅଧିକାରୀଙ୍କ କହିବା ଅନୁସାରେ, ଉତ୍ତର କାଶ୍ମୀରର କୈରନ୍ ସେକ୍ଟରର ଜୁମଗୁଡ୍ ଅଞ୍ଚଳରେ ଏଲଓସି ନିକଟରେ ସତର୍କ ଥିବା ଯବାନ ସନ୍ଦିଗ୍ଧ ଗତିବିଧିକୁ ଦେଖିଥିଲେ। ଏହାପରେ ସେ ଆତଙ୍କବାଦୀଙ୍କୁ ଚ୍ୟାଲେଞ୍ଜ ଦେଇଥିଲେ ଓ ତାଙ୍କୁ ରୋକି ନେଇଥିଲେ। ଆଜିଠାରୁ ଠିକ୍ ମାସେ ପୂର୍ବେ ୧୭ ସେପ୍ଟେମ୍ବରରେ ଜମ୍ମୁ-କଶ୍ମୀରର ଉଧମପୁର ଜିଲ୍ଲାରୁ ଜଣେ ଅପରେସନ୍ ବେଳେ ଜୈଶ-ଇ-ମହମ୍ମଦର ଦୁଇ ପାକିସ୍ତାନୀ ଆତଙ୍କବାଦୀ ନିହତ ହୋଇଥିଲେ। ଜଣେ ସନ୍ଦିଗ୍ଧକୁ କଷ୍ଟଡିରେ ନିଆଯାଇଥିଲା। ଜମ୍ମୁ-କଶ୍ମୀର ପୋଲିସ ନିହତ ଦୁଇ ଆତଙ୍କବାଦୀଙ୍କୁ ଚିହ୍ନଟ କରିଥିଲା। ସେମାନେ ହେଲେ ସଦ୍ଦାମ ଓ ମୁସ୍ତାଫା। ପୋଲିସର କହିବା ଅନୁସାରେ, ତାଙ୍କ ପାଖକରୁ ଗୋଟିଏ ଏକେ ଆସଲ୍ଟ ରାଇଫଲ(୪ ମାଗାଜିନ୍ ସହିତ),ଗୋଟିଏ ଗ୪ କାର୍ବାଇନ୍(୩ ମାଜାଜିନ୍ ସହିତ), ଗୋଟିଏ ଗ୍ଲକ୍ ପିସ୍ତଲ(ଦୁଇ ମାଗାଜିନ୍ ସହିତ) ଏବଂ ଚାରୋଟି ଗ୍ରେନେଡ୍ ଜବତ କରାଯାଇଥିଲା।

# ନୀତୀଶ କୁମାରଙ୍କ ପାଇଁ ୯ ଜଣଙ୍କୁ ହତ୍ୟା କରିଛି : ଜେଡିୟୁ ବିଧାୟକ



**ନୂଆଦିଲ୍ଲୀ,୧୭।୧୦:** ନୀତୀଶ କୁମାରଙ୍କ ଜେଡିୟୁର ବିଧାୟକ ଅନନ୍ତ କୁମାର ସିଂହ ଦେଇଥିବା ବୟାନ ବିବାଦ ସୃଷ୍ଟି କରିଛି। ବିହାରର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ଏବେର ରାଜ୍ୟସଭା ସାଂସଦ ନୀତୀଶ କୁମାରଙ୍କ ପାଇଁ ସେ ୯ ଜଣଙ୍କୁ ହତ୍ୟା କରିଥିବା କ୍ୟାମେରା ସାମ୍ନାରେ କହିବା ପରେ ହଇଚଇ ସୃଷ୍ଟି ହୋଇଛି। ବିହାରର ଆଗାମୀ ବିଧାନ ପରିଷଦ ନିର୍ବାଚନ ପାଇଁ ଅନନ୍ତ କୁମାର ସିଂହଙ୍କ ଚୀର ରାଜନୀତିକ ଶତ୍ରୁ ନୀରଜ କୁମାରଙ୍କୁ ଜେଡିୟୁ ପ୍ରାର୍ଥୀ କରିଛି। ଏଥିପାଇଁ ନିଜ ଦଳ ଉପରେ କ୍ଷୁବ୍ଧ ହୋଇ ପୁରୁଣା ପାଠର ଆଲୋଚନା କରିଛନ୍ତି ଅନନ୍ତ କୁମାର। ସେ ନୀରଜ କୁମାରଙ୍କୁ ସମାଲୋଚନା କରିବା ବେଳେ ୯ ଜଣଙ୍କ ହତ୍ୟାକାଣ୍ଡ କଥା ଉଠାଇଛନ୍ତି। ସେ କହିଛନ୍ତି, "ନୀତୀଶ କୁମାର ଓ ମୋର ସମ୍ପର୍କ ବେଶ ପୁରୁଣା। ନୀତୀଶ କୁମାରଙ୍କୁ ସହାୟତା କରିବା ପାଇଁ ମୁଁ ୯ ଜଣଙ୍କୁ ହତ୍ୟା କରାଇଥିଲି। ଯେତେବେଳେ ସେ ତିଷ୍ଠି ରହିବାକୁ ସଂଘର୍ଷ କରୁଥିଲେ ସେତେବେଳେ ମୁଁ ତାଙ୍କ ସପକ୍ଷରେ ଛିଡ଼ା ହୋଇଥିଲି।" ଅନନ୍ତ କୁମାର ସିଂହ ନିଜର ପୁରୁଣା ଶତ୍ରୁତା କଥା ମନେ ପକାଇ ଅଭିଯୋଗ କରିଛନ୍ତି ଯେ ନୀରଜ କୁମାର ପୂର୍ବରୁ ତାଙ୍କୁ ବିରୋଧ କରୁଥିଲେ। ଏପରି ସ୍ଥିତିରେ ଜେଡିୟୁ ସେଭଳି ଜଣେ ଲୋକଙ୍କୁ କାହିଁକି ପ୍ରାର୍ଥୀ କରିଛି ବୋଲି ସେ ପ୍ରଶ୍ନ କରିଛନ୍ତି। ଅନନ୍ତ ସିଂହଙ୍କ ଏପରି ବୟାନକୁ ଲାଲୁ ପ୍ରସାଦ ଯାଦବଙ୍କ ଆରଜେଡି ତୀବ୍ର ସମାଲୋଚନା କରିଛି। ଦଳ ପକ୍ଷରୁ ନୀତୀଶ କୁମାରଙ୍କୁ ମଧ୍ୟ ଟାର୍ଗେଟ କରାଯାଇଛି। ଆରଜେଡି ନେତା ଶକ୍ତି ସିଂହ ଯାଦବ କହିଛନ୍ତି, "ଅନନ୍ତ ସିଂହ ବେଶ ପ୍ରଭାବୀ ଢଙ୍ଗରେ ୯ ହତ୍ୟାକାଣ୍ଡକୁ ସ୍ୱୀକାର କରିଛନ୍ତି। ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ଥିବା ବେଳେ ହତ୍ୟା ହୋଇଥିଲା। ନୀତୀଶ କୁମାରଙ୍କ ପାଇଁ ଏତେ ହତ୍ୟାକାଣ୍ଡ ଘଟିଛି। ଅନନ୍ତ ସିଂହ ପରବର୍ତ୍ତୀ ଅବସ୍ଥାରେ ଉଭୟ କେନ୍ଦ୍ର ଓ ରାଜ୍ୟ ସ୍ତରୀୟ ନେତାଙ୍କ ଚାପରେ ନିଜ ମତ ବଦଳାଉଛନ୍ତି। ତଥାପି ନୀତୀଶ କୁମାର ବିଭିନ୍ନ କୁଖ୍ୟାତ ଅପରାଧୀଙ୍କ ସହ ମିଶି ବିହାରରେ ନିଜ ଶକ୍ତିକୁ ସୁଦୃଢ଼ କରିଥିବା ଅନନ୍ତ ସିଂହଙ୍କ ବୟାନ ପରେ ସ୍ପଷ୍ଟ ହୋଇଛି। ମୋତିହାରି, ମୁଜାଫରପୁର, ବୈଶାଳୀ ଓ ମୋକାମା ରିଜନରେ ନୀତୀଶ କୁମାର ସମ୍ପର୍କ ଅପରାଧୀଙ୍କ ସହ ରହିଛି ସବୁ ଅପରାଧୀ ଗ୍ୟାଙ୍ଗର ସଦସ୍ୟ ତାଙ୍କ ସହ ରହିଛନ୍ତି।"

# ରାତିରେ ନୁଡୁଲ୍ସ ଖାଇ ଶୋଇଥିଲେ ସକାଳୁ ମିଳିଲା ବାପା ମା' ଓ ୩ ପିଲାଙ୍କ ମୃତଦେହ

**ନୂଆଦିଲ୍ଲୀ,୧୭।୧୦:** ସମସ୍ତେ ରାତିରେ ବେଶ ଖୁସିଥିଲେ। ଏକାଠି ନୁଡୁଲ୍ସ ତିଆରି କରି ଖାଇଥିଲେ। ଏହାପରେ ବାପା ମା' ଓ ୩ ପିଲା ଶୋଇବାକୁ ଚାଲି ଯାଇଥିଲେ। କିନ୍ତୁ ଶନିବାର ସକାଳୁ ସେମାନେ ଆଉ ଉଠି ନାହାନ୍ତି। ଖଟ ଉପରୁ ମିଳିଛି ସେମାନଙ୍କ ମୃତଦେହ। ପରସ୍ପରକୁ ଧରାଧରି ହୋଇ ୫ ଜଣ ଯାକ ଦୁଇଟି ଖଟରେ ପରପାରିକୁ ଚାଲି ଯାଇଛନ୍ତି। ଗ୍ରେଟର ନୋଏଡାର ନାଗଲା ଶ୍ରୀ ପଦ୍ମ ଗାଁରେ ହଠାତ ଗୋଟିଏ ପରିବାରର ୫ ଜଣଙ୍କ ରହସ୍ୟଜନକ ମୃତ୍ୟୁ ପୂରା ଦେଶରେ ଚାଞ୍ଚଲ୍ୟ ଖେଳାଇ ଦେଇଛି। ପୁଲିସ୍ ମୃତ୍ୟୁର କାରଣ ଫୁଡ ପଏଜନିଂ ବୋଲି ଆଶଙ୍କା କରୁଛି। ତଥାପି ମୃତ୍ୟୁର କାରଣ ଶବ ବ୍ୟବଚ୍ଛେଦ ରିପୋର୍ଟ ପରେ ସ୍ପଷ୍ଟ ହେବ ବୋଲି କହିଛି। ମୃତକମାନେ ହେଲେ ୩୭ ବର୍ଷୀୟ ମହେଶ, ତାଙ୍କ ପତ୍ନୀ ୩୫ ବର୍ଷୀୟ ଲଳିତା ଓ ସେମାନଙ୍କ ୩ ପିଲା- ୧୧ ବର୍ଷୀୟ ଲାଡ୍ଡୁ, ୭ ବର୍ଷୀୟ ମିଷ୍ଟୀ ଓ ୩ ବର୍ଷୀୟ ସକ୍ଷକ୍ତ। ଶନିବାର ସକାଳେ ରବୁପୁରା ପୁଲିସ ପ୍ରଥମେ ଏହି ଚାଞ୍ଚଲ୍ୟକର ଖବର ପାଇଥିଲା। ଖବର ମିଳିବା ମାତ୍ରେ ସ୍ଥାନୀୟ ପୁଲିସ, ବରିଷ୍ଠ ଅଧିକାରୀ, ଆମ୍ବୁଲାନ୍ସ, ଫରେନ୍ସିକ ଟିମ ଓ ଖାଦ୍ୟ ସୁରକ୍ଷା ଅଧିକାରୀମାନେ ପହଞ୍ଚିଥିଲେ। ଫରେନ୍ସିକ ଟିମ, ଖାଦ୍ୟ ସୁରକ୍ଷା ଅଧିକାରୀ ଓ ପୁଲିସ ଟିମ ଘଟଣା ସ୍ଥଳରୁ ବିଭିନ୍ନ ତଥ୍ୟ ସଂଗ୍ରହ କରିଛନ୍ତି। କେଉଁ ପରିସ୍ଥିତିରେ ସେମାନଙ୍କ ମୃତ୍ୟୁ ହେଲା, ସେକଥା ଜାଣିବା ପାଇଁ ସୁରକ୍ଷା ଅଧିକାରୀମାନେ ଲାଗି ପଡ଼ିଛନ୍ତି। ଯାଞ୍ଚ ବେଳେ ପଡ଼ୋଶୀ ଓ ମହେଶଙ୍କ ମା' କହିଛନ୍ତି ଯେ ଶୁକ୍ରବାର ରାତି ଯାଏ ସବୁ କିଛି ଠିକାଠାକ ରହିଥିଲା। ଶୁକ୍ରବାର ରାତିରେ ସମସ୍ତେ ନୁଡୁଲ୍ସ ଘରେ ତିଆରି କରି ଖାଇଥିଲେ। ଏହାପରେ ସମସ୍ତେ ନିଜ ବେଡକୁ ଶୋଇବାକୁ ଚାଲି ଯାଇଥିଲେ। ଆଜି ମହେଶ ଓ ତାଙ୍କ ପରିବାର ଅନ୍ୟ ୪ ଜଣ ସକାଳୁ ନ ଉଠିବାରୁ ସମସ୍ତେ ଡରି ଯାଇଥିଲେ। ସେହିପରି ସମସ୍ତଙ୍କ ପାଟିରୁ ଫେଣ ବାହାରୁଥିବା ଦେଖାଯିବା ପରେ ପୁଲିସ୍‌କୁ ଖବର ଦିଆଯାଇଥିଲା। ପୁଲିସ୍ ଓ ଆମ୍ବୁଲାନ୍ସ ଟିମ ଆସିବା ପରେ ସମସ୍ତେ ପ୍ରାଣ ହରାଇ ସାରିଥିବା ସ୍ପଷ୍ଟ ହୋଇଥିଲା।

# କେନାଲକୁ ଖସିଲା ବସ୍, ଚାଲିଗଲା ୮ ଶ୍ରଦ୍ଧାଳୁଙ୍କ ଜୀବନ

**ନୂଆଦିଲ୍ଲୀ,୧୭।୧୦:** *ଦୁର୍ଘଟଣାଗ୍ରସ୍ତ ହୋଇଛି ଶ୍ରଦ୍ଧାଳୁଙ୍କୁ ନେଇ ଯାଉଥିବା ଗୋଟିଏ ବସ୍। ମଧ୍ୟପ୍ରଦେଶର ଭୋପାଳରୁ ରାଜସ୍ଥାନର ଖାଟୁ ଶ୍ୟାମ ମନ୍ଦିରକୁ ଯାଉଥିବା ବସ୍ ଦିଲ୍ଲୀ-ମୁମ୍ବାଇ ଏକ୍ସପ୍ରେସ ୱେରେ ଭାରସାମ୍ୟ ହରାଇ କୋଟା ନିକଟରେ ଓଲଟି ପଡ଼ିଛି। ବସ୍‌ଟି ରାସ୍ତା କଡ଼ରେ ଥିବା ଗୋଟିଏ କେନାଲକୁ ଖସି ପଡ଼ିବାରୁ ଏଥିରେ ବର୍ତ୍ତମାନ ସୁଦ୍ଧା ୮ ଜଣଙ୍କ ମୃତ୍ୟୁ ଘଟିଛି। ବସ୍‌ରେ ମୋଟ ୨୫ ଜଣ ଶ୍ରଦ୍ଧାଳୁ ରହିଥିଲେ। ଦୁର୍ଘଟଣା ପରେ ମୃତାହତଙ୍କୁ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ଡାକ୍ତର ୮ ଜଣଙ୍କୁ ମୃତ ଘୋଷଣା କରିଥିବା ବେଳେ ଅନ୍ୟମାନଙ୍କ ଚିକିତ୍ସା ଚାଲିଛି। ତେବେ ଆହତଙ୍କ ମଧ୍ୟରୁ ଅନେକଙ୍କ ଅବସ୍ଥା ସଙ୍କଟାପନ୍ନ ଥିବା କୁହାଯାଉଛି। ଆହତଙ୍କ ମଧ୍ୟରେ ଛୋଟ ପିଲା ଓ ବୟସ୍କ ଲୋକମାନେ ରହିଛନ୍ତି। ପ୍ରାଥମିକ ସୂଚନା ଅନୁସାରେ, କୋଟା ଠାରେ ବସ୍‌ଟି ଏକ୍ସପ୍ରେସ ୱେ ଅତିକ୍ରମ କରୁଥିବା ବେଳେ ହଠାତ ଡ୍ରାଇଭର ଭାରସାମ୍ୟ ହରାଇଥିଲେ। ଫଳରେ ବସ୍‌ଟି ରାସ୍ତାରୁ ଖସି ସିଧା କେନାଲରେ ପଡ଼ିଥିଲା। ଏହି ଖବର ପାଇବା ମାତ୍ରେ ଜିଲ୍ଲା ପ୍ରଶାସନ ଓ ପୋଲିସ୍ ତୁରନ୍ତ ଘଟଣା ସ୍ଥଳରେ ପହଞ୍ଚିଥିଲେ। ଉଦ୍ଧାରକାରୀ କ୍ରେନ ଦ୍ୱାରା ବସ୍‌କୁ କେନାଲରୁ ରାସ୍ତା ଉପରକୁ ଆଣୁଥିବାର ଫଟୋ ମଧ୍ୟ ସାମ୍ନାକୁ ଆସିଛି। କୋଟାର ଜିଲ୍ଲାପାଳ ପୀୟୂଷ ସାମାରିୟା କହିଛନ୍ତି ଯେ ସମସ୍ତ ଆହତଙ୍କୁ ସ୍ଥାନୀୟ ହସ୍ପିଟାଲରେ ଭର୍ତ୍ତି କରାଯାଇଛି। ସେଠାରେ ସେମାନଙ୍କ ଚିକିତ୍ସା ଚାଲିଛି। ଦୁର୍ଘଟଣାରେ ୮ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଥିବା ମଧ୍ୟ ସେ ନିଶ୍ଚିତ କରିଛନ୍ତି।*

## ଭାରତ ଓ ଚାଇନାକୁ ବଡ଼ ଆଶ୍ୱସ୍ତି

# ରୁଷ ତୈଳ କଟକଣା ପ୍ରତ୍ୟାହାର କରିନେଲେ ଟ୍ରମ୍ପ



**ନୂଆଦିଲ୍ଲୀ,୧୭।୧୦:** ଭାରତ ଓ ଚାଇନାକୁ ବଡ଼ ଆଶ୍ୱସ୍ତି। ରୁଷ ତୈଳ ଆମାଦାନୀ ସହ ଜଡ଼ିତ ଏକାଧିକ କଟକଣାକୁ ଅପ୍ରତ୍ୟାଶିତ ଢଙ୍ଗରେ ପ୍ରତ୍ୟାହାର କରିଛନ୍ତି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ସେପ୍ଟେମ୍ବରରେ ପାରିତ ବିଲ୍ କାର୍ଯ୍ୟକାରୀ ହେବାର ଦିନକ ପୂର୍ବରୁ ହିଁ ଟ୍ରମ୍ପ ଏପରି ପଦକ୍ଷେପ ନେଇଛନ୍ତି। କଟକଣା ଉପରେ ରୋକ ଲଗାଇବା ପଛରେ ଜାତୀୟ ସ୍ୱାର୍ଥ ରହିଥିବା ମଧ୍ୟ ଟ୍ରମ୍ପ କହିଛନ୍ତି। ଶୁକ୍ରବାର ରିଲିଜ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶନାମାରେ ଟ୍ରମ୍ପ କହିଛନ୍ତି ଯେ "ଗ୍ରାହମ ଆଇନରେ ପ୍ରଦତ୍ତ ବିଭିନ୍ନ କଟକଣା, ପ୍ରତିବନ୍ଧକ ଓ ଶୁଳ୍କ ବ୍ୟବସ୍ଥାକୁ ମୁଁ ପ୍ରତ୍ୟାହାର କରୁଛି। ଆମେରିକାର ଜାତୀୟ ସ୍ୱାର୍ଥ ପାଇଁ ମୁଁ ସଂସଦରେ ଏହି ଉଚ୍ଛେଦ ସହ ଜଡ଼ିତ ଗୋଟିଏ ପ୍ରମାଣପତ୍ର ମଧ୍ୟ ଦାଖଲ କରୁଛି।" ରୁଷ ସହ ଜଡ଼ିତ ଟାରିଫକୁ ବର୍ତ୍ତମାନ ପର୍ଯ୍ୟାୟରେ ଟ୍ରମ୍ପ ନିଲମ୍ବିତ କରିଛନ୍ତି। ଏହାର ଅର୍ଥ ପରବର୍ତ୍ତୀ ସମୟରେ ସେ ଚାହିଁଲେ ଏହାକୁ ଲାଗୁ କରିପାରିବେ। ରୁଷ ଠାରୁ ତୈଳ ଓ ଶକ୍ତି ଆମଦାନୀ କରୁଥିବା ଭାରତ ଓ ଚାଇନା ଉପରେ ୧୦୦% ଟାରିଫ ଲଗାଇବା ଉଦ୍ଦେଶ୍ୟରେ ଟ୍ରମ୍ପ ପ୍ରଶାସନ ନିକଟରେ ଗୋଟିଏ ବିଲ ପାରିତ କରିଥିଲା। ଏଥିରେ ଟ୍ରମ୍ପ ଦସ୍ତଖତ କରି କାର୍ଯ୍ୟକାରୀ କରିବାକୁ ଅନୁମତି ଦେଇଥିଲେ। ଅକ୍ଟୋବର ୧୮ରୁ ଏହା ଲାଗୁ ହେବାର ଥିଲା। କିନ୍ତୁ ଦିନକ ପୂର୍ବରୁ ଟ୍ରମ୍ପ ସମସ୍ତ କଟକଣାକୁ ନିଲମ୍ବିତ କରି ଦେଇଛନ୍ତି। ଲିଣ୍ଡସେ ଓ ଗ୍ରାହାମ୍ ସାଙ୍କସନିଂ ରୁଷିଆ ଆଣ୍ଡ ଇରାନ୍ ଆକ୍ଟ, ୨୦୨୬ର ଉଦ୍ଦେଶ୍ୟ ହେଉଛି ରୁଷର ଅଧିକାରୀ, ବ୍ୟାଙ୍କ ଓ ରୁଷର ଶକ୍ତି ସମ୍ପଦ ପରିବହନ କରୁଥିବା ଛାୟା ଜାହାଜ ଟ୍ୟାଙ୍କରଗୁଡ଼ିକ ଉପରେ କଟକଣା ଲଗାଇବା। ଏହାବାଦ ଆଇନରେ ରାଷ୍ଟ୍ରପତି ଟ୍ରମ୍ପଙ୍କୁ ରୁଷ ଠାରୁ ତୈଳ କିମ୍ବା ପ୍ରାକୃତିକ ଗ୍ୟାସ୍ ? ଆମଦାନୀ କରୁଥିବା ୫ ଶୀର୍ଷ ଦେଶ ଉପରେ ସର୍ବାଧିକ ୧୦୦ ପ୍ରତିଶତ ଟାରିଫ ଲଗାଇବାକୁ ଅଧିକାର ମିଳିଥିଲା। ତେବେ ଯେଉଁ ଦେଶଗୁଡ଼ିକ ରୁଷର ମୋଟ ପ୍ରାକୃତିକ ଗ୍ୟାସ୍ ରପ୍ତାନୀର ୧୫ ପ୍ରତିଶତରୁ କମ୍ ଆମଦାନୀ କରୁଛନ୍ତି ଓ ଏହି ଆମଦାନୀ କମାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇଛନ୍ତି, ସେମାନଙ୍କ ଉପରେ ଏହି ନିୟମ କାର୍ଯ୍ୟକାରୀ ହେବ ନାହିଁ। ହେଲେ ଟ୍ରମ୍ପ ଏବେ ସଂପୂର୍ଣ୍ଣ ଭାବେ ଉକ୍ତ ଆଇନ ଉପରେ ରୋକ ଲଗାଇଛନ୍ତି।

# କକ୍ସ ବଜାରରେ ଭୟଙ୍କର ଅଗ୍ନିକାଣ୍ଡ

## ୧୦ ମୃତ, ୯ ଗୁରୁତର



**ଢାକା,୧୭।୧୦:** ବାଂଲାଦେଶର ପ୍ରସିଦ୍ଧ ପର୍ଯ୍ୟଟନ ସ୍ଥଳୀ କକ୍ସ ବଜାର ଜିଲ୍ଲାସ୍ଥିତ ଏକ ସମୁଦ୍ରକୂଳ ରିସୋର୍ଟରେ ଶନିବାର ଭୋର ସମୟରେ ଭୟଙ୍କର ଅଗ୍ନିକାଣ୍ଡ ଘଟି ୧୦ ଜଣଙ୍କର ମୃତ୍ୟୁ ଘଟିଥିବା ବେଳେ ୯ ଜଣ ଗୁରୁତର ଆହତ ହୋଇଥିବା ସୂଚନାରୁ ଜଣାପଡ଼ିଛି। ବାଉଁଶ ଏବଂ କାଠରେ ନିର୍ମିତ ତିନିମହଲା ବିଶିଷ୍ଟ ଏହି ରିସୋର୍ଟଟି ଅଗ୍ନିକାଣ୍ଡ ଯୋଗୁଁ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି। ସୂଚନା ଅନୁଯାୟୀ, ମେରାଇନ୍ ଡ୍ରାଇଭ୍ ନିକଟସ୍ଥ ପାଟୁଆରଟେକ୍ ବେଳାଭୂମି ପାଖରେ ଥିବା 'ଟୁପ୍ଲୁପ୍ ରେଷ୍ଟୋ ଆଣ୍ଡ ରିସୋର୍ଟ'ରେ ସକାଳ ପ୍ରାୟ ୬ଟା ୩୦ ମିନିଟରେ ଏହି ନିଆଁ ଲାଗିଥିଲା। ତେବେ ଅଗ୍ନିକାଣ୍ଡର ପ୍ରକୃତ କାରଣ ଏପର୍ଯ୍ୟନ୍ତ ଅସ୍ପଷ୍ଟ ରହିଛି। ଦୁର୍ଘଟଣା ସମୟରେ ରିସୋର୍ଟରେ ପ୍ରାୟ ୩୦ ଜଣ ପର୍ଯ୍ୟଟକ ଓ କର୍ମଚାରୀ ଥିଲେ। କେବଳ ୪ ରୁ ୫ ଜଣ ସୁରକ୍ଷିତ ଭାବେ ବାହାରିବାକୁ ସକ୍ଷମ ହୋଇଥିଲେ। କକ୍ସ ବଜାର ଡେପୁଟି କମିସନର ଏ. ମନ୍ନାନ ସୂଚନା ଦେଇଛନ୍ତି ଯେ ବର୍ତ୍ତମାନ ସୁଦ୍ଧା ମୃତଦେହଗୁଡ଼ିକୁ ଉଦ୍ଧାର କରାଯାଉଛି ଏବଂ ପରିବାର ଲୋକଙ୍କୁ ହସ୍ତାନ୍ତର କରିବା ପୂର୍ବରୁ ସେମାନଙ୍କର ଡିଏନଏ ନମୁନା ସଂଗ୍ରହ କରାଯାଉଛି। ଆହତମାନଙ୍କୁ କକ୍ସ ବଜାର ସଦର ହସ୍ପିଟାଲରେ ଭର୍ତ୍ତି କରାଯାଇଛି, ଯେଉଁଥିରେ ଅନେକଙ୍କ ଶରୀର ଗୁରୁତର ଭାବେ ପୋଡ଼ିଯାଇଥିବା ଚିକିତ୍ସାଧୀନ ଡାକ୍ତର ସୂଚନା ଦେଇଛନ୍ତି।

# ସାୟଖା ଜିଆଇଡିସିରେ ଭୟଙ୍କର ବଏଲର ବିସ୍ଫୋରଣ, ୫ ମୃତ

**ଗୁଜୁରାଟ,୧୭।୧୦:** ଗୁଜୁରାଟର ଭରୁଚ ଜିଲ୍ଲାର ସାୟଖା ଜିଆଇଡିସିରେ ଏକ ଭୟଙ୍କର ବିସ୍ଫୋରଣ ଘଟିଛି । ଏହି ଘଟଣାରେ ୨ ଜଣଙ୍କର ମୃତ୍ୟୁ ଘଟିଥିଲାବେଳେ ଚିକିତ୍ସା ସମୟରେ ଅନ୍ୟ ୩ ଜଣଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି । ଏଥିସହ ଏଥିରେ ୩ ଜଣ ମଧ୍ୟ ଆହତ ହୋଇଛନ୍ତି । ଏହି ଘଟଣା ଶିଳ୍ପ ଅଞ୍ଚଳରେ ବ୍ୟାପକ ଆତଙ୍କ ସୃଷ୍ଟି କରିଛି । ସୂଚନାନୁଯାୟୀ, ସାୟଖାର ଶ୍ୟାନଜିଲ୍ ଫାର୍ମା କମ୍ପାନୀରେ ହାଇଡ୍ରୋଜେନ୍ ରାସାୟନିକ ପ୍ରକ୍ରିୟା ଚାଲିଥିବା ସମୟରେ ବଏଲରରେ ଏକ ବଡ଼ ବିସ୍ଫୋରଣ ଘଟିଥିଲା । ବିସ୍ଫୋରଣ ଯୋଗୁଁ ଧୂଆଁ ସମଗ୍ର ଅଞ୍ଚଳରେ ବ୍ୟାପିଯାଇଥିଲା । ଫଳରେ ବ୍ୟାପକ ଚିନ୍ତା ସୃଷ୍ଟି କରିଥିଲା । ଏହି ବିସ୍ଫୋରଣରେ ୫ ଜଣଙ୍କ ମୃତ୍ୟୁ ହୋଇଥିଲା ଏବଂ ୩ ଜଣ ଆହତ ହୋଇଛନ୍ତି । ଅନ୍ୟପଟେ ଘଟଣା ସମ୍ପର୍କରେ ସୂଚନା ପାଇବା ପରେ ଅଗ୍ନିଶମ ବାହିନୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ ଏବଂ ଅଗ୍ନି ନିର୍ବାପନ ପ୍ରୟାସ ଆରମ୍ଭ କରିଥିଲେ। ତଦନ୍ତ ସମାପ୍ତ ହେବା ପରେ ହିଁ ବିସ୍ଫୋରଣର ସଠିକ୍ କାରଣ ନିର୍ଣ୍ଣୟ କରାଯିବ।

## ବିରୋଧୀଙ୍କୁ ରାଜନାଥଙ୍କ ଆକ୍ଷେପ

# ବାଂଲାଦେଶ ଭଳି କ୍ଷମତା ପରିବର୍ତ୍ତନ ଚେଷ୍ଟା ଚଳାଇଛନ୍ତି



**ନୂଆଦିଲ୍ଲୀ,୧୭।୧୦:** ମୁଖ୍ୟ ନିର୍ବାଚନ କମିସନର ଜ୍ଞାନେଶ କୁମାରଙ୍କ ଇସ୍ତଫା ଦାବିରେ କଂଗ୍ରେସ ସହ ଅନ୍ୟାନ୍ୟ ବିରୋଧୀ ଦଳ ତରଫରୁ ଆନ୍ଦୋଳନ ଜାରି ରହିଥିବା ବେଳେ ଏହି ପ୍ରସଙ୍ଗକୁ ନେଇ ଗୁରୁତର ଅଭିଯୋଗ ଆଣିଛନ୍ତି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ। ବିରୋଧୀ ଦଳଗୁଡ଼ିକୁ ଆକ୍ଷେପ କରି ରାଜନାଥ କହିଛନ୍ତି, ମୁଖ୍ୟ ନିର୍ବାଚନ କମିସନରଙ୍କ ଇସ୍ତଫା ଦାବିକୁ ଢାଲ କରି ସେମାନେ ରାଜନୈତିକ ଅଶାନ୍ତି ସୃଷ୍ଟି କରି ବାଂଲାଦେଶ ଭଳି ଭାରତରେ କ୍ଷମତା ପରିବର୍ତ୍ତନ ଚେଷ୍ଟା ଚଳାଇଛନ୍ତି। ଲକ୍ଷ୍ନୌରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ବିରୋଧୀ ଦଳଗୁଡ଼ିକୁ ସମାଲୋଚନା କରି ରାଜନାଥ କହିଥିଲେ, ଯୁବପିଢ଼ିଙ୍କୁ ବ୍ୟବହାର କରି ଦେଶରେ ରାଜନୈତିକ ଅସ୍ଥିରତା ସୃଷ୍ଟି କରିବାକୁ ପ୍ରୟାସ ଜାରି ରଖିଛନ୍ତି। ନିର୍ବାଚନ ପ୍ରକ୍ରିୟାରେ ସ୍ୱଚ୍ଛତା ଆଣିବାକୁ ନିର୍ବାଚନ କମିସନଙ୍କ ତରଫରୁ ସ୍ୱତନ୍ତ୍ର ସଘନ ସଂଶୋଧନ (ଏସ୍‌ଆଇଆର) କାର୍ଯ୍ୟକ୍ରମ ଚାଲୁ ରହିଥିବା ବେଳେ ଏହାକୁ ବିରୋଧ କରାଯାଉଛି। ବାଂଲାଦେଶରେ ଯେପରି ଭାବେ ରାଜନୈତିକ ଅସ୍ଥିରତା ସୃଷ୍ଟି କରି କ୍ଷମତା ପରିବର୍ତ୍ତନ କରାଯାଇଥିଲା ଭାରତରେ ମଧ୍ୟ ସମାନ ପ୍ରକାର ସ୍ଥିତି କରିବାକୁ ବିରୋଧୀ ଦଳଗୁଡ଼ିକ ହୀନ ପ୍ରୟାସ କରୁଛନ୍ତି। ଯୁବପିଢ଼ିର ଭବିଷ୍ୟତକୁ ସୁରକ୍ଷା ଦେବା ନାଁରେ ଦେଶରେ ଅରାଜକତା ସୃଷ୍ଟି କରି ନିର୍ବାଚିତ ସରକାରକୁ କ୍ଷମତାଚ୍ୟୁତ କରିବା ବିରୋଧୀ ଦଳଗୁଡ଼ିକର ମୁଖ୍ୟ ଉଦ୍ଦେଶ୍ୟ। ବିରୋଧୀ ଦଳ ନେତା ରାହୁଲ ଗାନ୍ଧୀଙ୍କୁ ସମାଲୋଚନା କରି ରାଜନାଥ କହିଥିଲେ, ରାହୁଲ ନିଜ ରାଜନୈତିକ ସ୍ୱାର୍ଥ ହାସଲ କରିବା ନିମନ୍ତେ ସାମ୍ବିଧାନିକ ସଂସ୍ଥାଗୁଡ଼ିକ ଉପରେ ଆକ୍ରମଣ ଜାରି ରଖିଛନ୍ତି। ଏସ୍ ?ଆଇଆର ପ୍ରକ୍ରିୟାରେ ତ୍ରୁଟି ହୋଇଥିବା ନେଇ ରାହୁଲ ମିଥ୍ୟା ଆରୋପ ଲଗାଉଛନ୍ତି। ରାଜନୈତିକ ସ୍ୱାର୍ଥ ହାସଲ ପାଇଁ ସାମ୍ବିଧାନିକ ସଂସ୍ଥାଗୁଡ଼ିକୁ ବଳି ଦିଆଯାଇ ପାରିବ ନାହିଁ ବୋଲି ରାହୁଲ ବୁଝିବା ଉଚିତ୍ ?। ରାହୁଲଙ୍କ ଏପରି ଉଦ୍ୟମ ଦେଶର ଉନ୍ନତି ପଥରେ ବାଧକ ସାଜି ପାରିବ ନାହିଁ। ରାହୁଲ ଓ ଅନ୍ୟ ବିରୋଧୀ ନେତା ନିର୍ବାଚନ କମିସନ ଉପରେ ଆରୋପ ଲଗାଇଥିବା ବେଳେ ନିଜ ଯୁକ୍ତି ସପକ୍ଷରେ କୌଣସି ବଳିଷ୍ଠ ପ୍ରମାଣ ଉପସ୍ଥାପନ କରି ପାରି ନାହାନ୍ତି। ବିରୋଧୀ ଦଳଗୁଡ଼ିକର ଏପରି ହୀନ ଉଦ୍ୟମ ଜବାବ ଆଗାମୀଦିନରେ ଦେଶର ଜନସାଧାରଣ ନିଶ୍ଚିତ ଭାବେ ଦେବେ ବୋଲି ରାଜନାଥ କହିଛନ୍ତି।

ଏହି ସାମ୍ବାଦିକ ସମ୍ମିଳନୀରେ ଉପସ୍ଥିତ ଉତ୍ତର ପ୍ରଦେଶ ବିଜେପିର ସଭାପତି ପଙ୍କଜ ଚୌଧୁରୀ କହିଥିଲେ, ଦେଶରେ ଅସ୍ଥିରତା ସୃଷ୍ଟି କରିବାକୁ ବିରୋଧୀ ଦଳଗୁଡ଼ିକ ପ୍ରୟାସ କରୁଛନ୍ତି। ଏଥିସହ ସେମାନେ ସାମ୍ବିଧାନିକ ସଂସ୍ଥାର କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଛନ୍ତି। ଉତ୍ତରପ୍ରଦେଶରେ କଂଗ୍ରେସର ସ୍ଥିତି ଶୋଚନୀୟ ହୋଇପଡ଼ିବା ପଙ୍କଜ କହିବା ସହ ଏଠାରେ ସମାଜବାଦୀ ପାର୍ଟି ସାହାରାରେ କଂଗ୍ରେସ ରହିଥିବା କହିଛନ୍ତି।

# ୪ ଖେଳାଳିଙ୍କୁ ବିସିସିଆଇର ଅଣଦେଖା

**ନୂଆଦିଲ୍ଲୀ,୧୭।୧୦ :** ଭାରତୀୟ କ୍ରିକେଟ୍ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ନ୍ୟୁଜିଲାଣ୍ଡ ଗସ୍ତ ପାଇଁ ଟେଷ୍ଟ ଓ ଦିନକିଆ ଦଳ ଘୋଷଣା କରିଛି। ଟି-୨୦ ଦଳ ପ୍ରଥମେ ଘୋଷଣା କରାଯାଇଥିଲା। ଅକ୍ଟୋବର ୨୨ରୁ ଟିମ୍ ଇଣ୍ଡିଆର ନ୍ୟୁଜିଲାଣ୍ଡ ଗସ୍ତ ଆରମ୍ଭ ହେବ। ଯେଉଁଠାରେ ପ୍ରଥମେ ୫ଟି ଟି-୨୦, ତା'ପରେ ୫ଟି ଦିନକିଆ ଏବଂ ଶେଷରେ ୨ଟି ଟେଷ୍ଟ ମ୍ୟାଚ୍ ଖେଳାଯିବ। ୩୬ ବର୍ଷୀୟ ଭୁବନେଶ୍ୱର କୁମାର ଟି-୨୦ ଦଳ ପାଇଁ ଖେଳୁଥିବାର ନଜର ଆସିବେ। କିନ୍ତୁ ଅନେକ ବରିଷ୍ଠ ଖେଳାଳି ଅଛନ୍ତି ଯେଉଁମାନେ ଦଳରେ ସ୍ଥାନ ପାଇନାହାନ୍ତି। ଏହି ଦଳ ଘୋଷଣାରୁ ଜଣାପଡୁଛି ଯେ ୩ ଜଣ ଖେଳାଳି ଆଗାମୀ ଦୁଇଟି ବିଶ୍ୱକପରେ ଖେଳିବାର ସ୍ୱପ୍ନ ପୂରଣ ହୋଇପାରିବ ନାହିଁ । ଉଭୟ ବିଶ୍ୱକପ୍ ଅର୍ଥାତ୍ ୨୦୨୭ ଦିନକିଆ ଏବଂ ୨୦୨୮ ଟି -୨୦ ବିଶ୍ୱକପ୍ । ଏହା ଦର୍ଶାଉଛି ଯେ, ହୁଏତ ଏହି ଖେଳାଳିଙ୍କ ଦିନକିଆ କ୍ୟାରିୟର ପ୍ରାୟ ଶେଷ ହୋଇଛି ।

ମହମ୍ମଦ ଶାମି: ଅଣଦେଖା କରାଯାଉଥିଲା ଖେଳାଳିଙ୍କ ମଧ୍ୟରେ ପ୍ରଥମ ନାମ ହେଉଛି ମହମ୍ମଦ ଶାମି । ଯିଏକି ଦିନିକିଆ ବିଶ୍ୱକପ୍ ଇତିହାସରେ ଭାରତ ପାଇଁ ସର୍ବାଧିକ ୫୫ ୱିକେଟ୍ ନେଇଛନ୍ତି । ଆସନ୍ତା ବର୍ଷ ହେବାକୁ ଥିବା ବିଶ୍ୱକପ୍ ରେ ବହୁତ କମ୍ ସମୟ ବାକି ଥିବାରୁ ଶାମିଙ୍କୁ ଲଗାତାର ଅଣଦେଖା ୨୦୨୭ ବିଶ୍ୱକପ୍ ଯୋଜନାରେ ତାଙ୍କ ନାଁ ମଧ୍ୟ ସାମିଲ ହୋଇନଥିବାର ସଙ୍କ ?ତ ଦେଉଛି । ରଣଜୀ ଟ୍ରଫିର ପ୍ରଥମ ରାଉଣ୍ଡରେ ୫ ୱିକେଟ୍ ନେବା ପରେ ନ୍ୟୁଜିଲାଣ୍ଡ ଗସ୍ତରେ ମଧ୍ୟ ସାମିଙ୍କୁ ଅଣଦେଖା କରାଯାଇଛି ।

ରବୀନ୍ଦ୍ର ଜାଡ଼ ?ଜା: ୱେଷ୍ଟଇଣ୍ଡିଜ୍ ସିରିଜ୍ ପାଇଁ ରବୀନ୍ଦ୍ର ଜାଡେଜାଙ୍କୁ ଦିନିକିଆ ଦଳକୁ ଫେରାଇ ଅଣାଯାଇଥିଲା । ଲାଗୁଥିଲା ଯେପରି ଜାଡେଜାଙ୍କ ବିଶ୍ୱକପ ବର୍ତ୍ତମାନ ନିଶ୍ଚିତ ହୋଇଛି । କିନ୍ତୁ ନମନ ଧୀର ସ୍ପିନ୍ ବୋଲିଂ ଅଲରାଉଣ୍ଡର ଭାବେ ଉଭା ହୋଇଛନ୍ତି । ଟିମ୍ ଇଣ୍ଡିଆର ଏହି ଚୟନକୁ ଜାଡେଜାଙ୍କ ସ୍ଥାନରେ ନମନ ଧୀର ଦିନିକିଆ ଦଳରେ ସ୍ଥାନ ପାଇଥିବାର ସଙ୍କେତ ଭାବେ ବିବେଚନା କରାଯାଇପାରେ। ନ୍ୟୁଜିଲାଣ୍ଡ ବିପକ୍ଷ ଟେଷ୍ଟ ଟିମ୍‌ରେ ରବୀନ୍ଦ୍ର ଜାଡେଜାଙ୍କୁ ସ୍ଥାନ ମିଳିଛି କିନ୍ତୁ ଦିନିକିଆ ଦଳରେ ମିଳିନାହିଁ ।

ଯୁଜବେନ୍ଦ୍ର ଚହଲ: କିଛିଦିନ ତଳେ ଯୁଜବେନ୍ଦ୍ର ଚହଲ ପ୍ରଥମ ଶ୍ରେଣୀ କ୍ରିକେଟରୁ ଅବସର ନେଇଥିଲେ । କିନ୍ତୁ ସେ କହିଛନ୍ତି ଯେ ସେ ଦିନିକିଆ ଏବଂ ଟି -୨୦ ଦଳକୁ ଫେରିବା ପାଇଁ ଦ୍ୱାର ବନ୍ଦ କରିନାହାଁନ୍ତି । ଚହଲ ହ୍ୱାଇଟ୍ ବଲ୍ ଦଳକୁ ଫେରିବାକୁ ଏବଂ ପରବର୍ତ୍ତୀ ବିଶ୍ୱକପ୍ ଖେଳିବାକୁ ଚାହୁଁଛନ୍ତି, କିନ୍ତୁ ଚୟନକର୍ତ୍ତାମାନେ ମଧ୍ୟ କୌଣସି ସ୍ଥାନରେ ସେମାନଙ୍କର ଉଦ୍ଦେଶ୍ୟ ସ୍ପଷ୍ଟ କରିଛନ୍ତି।

ଭୁବନେଶ୍ୱର କୁମାର ଟି-୨୦ ଦଳକୁ ଫେରିଛନ୍ତି। ୪ ବର୍ଷ ପରେ ସେ ଟିମ୍ ଇଣ୍ଡିଆରେ ସ୍ଥାନ ପାଇଛନ୍ତି। ଏହା ସହିତ ଆଜି ୱେଷ୍ଟଇଣ୍ଡିଜ ବିପକ୍ଷ ପଞ୍ଚମ ଟି-ଟ୍ୱେଣ୍ଟି ପାଇଁ ମଧ୍ୟ ତାଙ୍କୁ ଡାକରା ମିଳିଛି। କିନ୍ତୁ ନ୍ୟୁଜିଲାଣ୍ଡ ବିପକ୍ଷ ଦିନିକିଆ ଦଳରୁ ତାଙ୍କୁ ବାଦ ଦିଆଯାଇଛି। ଏପରିକି ୱେଷ୍ଟଇଣ୍ଡିଜ୍ ବିପକ୍ଷ ପଞ୍ଚମ ଟି-୨୦ ମ୍ୟାଚ୍ ପାଇଁ ଟିମ୍ ଇଣ୍ଡିଆରେ ସ୍ଥାନ ପାଇଥିବାରୁ ଭୁବନେଶ୍ୱରଙ୍କୁ ମଧ୍ୟ ଟି-୨୦ରେ ପ୍ରାଥମିକତା ଦିଆଯାଉଛି। କିନ୍ତୁ ଦିନିକିଆ ବିଶ୍ୱକପ୍ ଖେଳିବାର ତାଙ୍କର ସ୍ୱପ୍ନ ଅଧୁରା ରହିପାରେ।



ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ ଭେଟୁଛନ୍ତି ଏସିଆନ ଗେମ୍ସ ସ୍ୱର୍ଣ୍ଣ ବିଜୟୀ ହକି ଖେଳାଳି

# ଜିମ୍ବାୱେଠାରୁ ବିଜୟ ଛଡ଼ାଇ ଆଣିଲେ ଭାରତୀୟ ଝିଅ

**ରାୟପୁର,୧୭।୧୦ :** ପ୍ରଥମ ଟି-୨୦ରେ ଭାରତୀୟ ମହିଳା ଦଳ ଜିମ୍ବାୱେକୁ ୪ ୱିକେଟରେ ପରାସ୍ତ କରିଛି। ରାୟପୁରର ସହିଦ ବୀର ନାରାୟଣ ସିଂହ ଅନ୍ତର୍ଜାତୀୟ ଷ୍ଟାଡିୟମରେ ଶୁକ୍ରବାର ପ୍ରଥମେ ବ୍ୟାଟିଂ କରି ୨୦ ଓଭରରେ ୫ ୱିକେଟ ହରାଇ ଜିମ୍ବାୱେ ୧୧୪ ରନ କରିଥିଲା। ଦଳ ପାଇଁ ଶାର୍ନି ମାୟର୍ସ ସର୍ବାଧିକ ୪୩ ରନ୍ କରିଥିଲେ। ଭାରତ ପକ୍ଷରୁ ନନ୍ଦିନୀ ଶର୍ମା ସର୍ବାଧିକ ୨ ୱିକେଟ ନେଇଥିଲେ। ଜବାବରେ ଭାରତ ୧୫.୪ ଓଭରରେ ୬ ୱିକେଟ ହରାଇଥିଲା। ମନେ ହେଉଥିଲା ଯେ ଭାରତ ସହଜରେ ଜିତିଛି, କିନ୍ତୁ ପିଛା କରିବାର ଏକ ସମୟରେ ସେମାନେ ୧୯ ରନରେ ୪ ୱିକେଟ ହରାଇଥିଲେ। ପରବର୍ତ୍ତୀ ସମୟରେ ଦୀପ୍ତି ଶର୍ମା ଏବଂ ନିକି ପ୍ରସାଦ ତାଙ୍କର ପ୍ରଥମ ଅନ୍ତର୍ଜାତୀୟ ମ୍ୟାଚ୍ ଖେଳୁଥିବା ବେଳେ ଚମତ୍କାର ଇନିଂସ ଖେଳି ଦଳକୁ ବିଜୟୀ କରାଇଥିଲେ। ଭାରତ ପାଇଁ ଅଧିନାୟକ ସ୍ମୃତି ମନ୍ଧାନା (୯), ଅନୁଷ୍କା ଶର୍ମା (୪), ହରମନପ୍ରୀତ କୌର (୧) ଏବଂ ଶଫାଲି ବର୍ମା (୪) ରୂପରେ ଟିମ୍ ଇଣ୍ଡିଆ ୧୯ ରନରେ ୪ ୱିକେଟ ହରାଇଥିଲା। ଏଠାରୁ ଲାଗୁଥିଲା ଯେ ଭାରତୀୟ ଦଳ ମ୍ୟାଚ୍ ହାରିଯିବ। ଦୀପ୍ତି ଶର୍ମା ୩୭ ବଲରେ ୮ ଚୌକା ସହାୟତାରେ ୪୯ ରନ୍‌ର ଏକ ଚମତ୍କାର



ଇନିଂସ ଖେଳି ଦଳକୁ ରେଖା ପାର କରାଇଥିଲେ। ଏହି ସମୟ ମଧ୍ୟରେ ନିକି ତାଙ୍କୁ ଚମତ୍କାର ସମର୍ଥନ କରିଥିଲେ। ତାଙ୍କର ଡେବ୍ୟୁ ମ୍ୟାଚ୍ ଖେଳୁଥିବା ନିକି ୩୫ ବଲ୍ ?ରେ ୬ ଚୌକା ସହିତ ଅପରାଜିତ ୩୯ ରନ୍ କରିଥିଲେ। ଦୀପ୍ତି ଏବଂ ନିକ୍କି ପଞ୍ଚମ ୱିକେଟ୍ ପାଇଁ ୮୨ ରନ୍ (୬୩ ବଲ୍) ଭାଗୀଦାରି କରିଥିଲେ, ଯାହା ଦଳ ପାଇଁ ଏକପାଖିଆ ବିଜୟରେ ପରିଣତ ହୋଇଥିଲା। ମହିଳା ଟି୨୦ ଅନ୍ତର୍ଜାତୀୟରେ ପଞ୍ଚମ ୱିକେଟ୍ ପାଇଁ ଏହା ଭାରତର ସର୍ବାଧିକ ଭାଗୀଦାରି ଥିଲା। ଏହି ଯୋଡ଼ି ମିତାଲି ରାଜ ଏବଂ ଅନୁଜା ପାଟିଲଙ୍କ ମଧ୍ୟରେ ଏହି ୱିକେଟ୍ ପାଇଁ ୭୭ ରନ୍‌ର ରେକର୍ଡକୁ ଅତିକ୍ରମ କରିଥିଲା। ଭାରତର ପଞ୍ଚମ ୱିକେଟ୍ ଦୀପ୍ତି ଶର୍ମାଙ୍କ ରୂପରେ ୧୩.୪ ଓଭରରେ ୧୦୧ ରନ୍‌ରେ ପତନ ଘଟିଥିଲା। ସେଠାରୁ ଭାରତକୁ ବିଜୟ ପାଇଁ କେବଳ ୧୪ ରନ୍ ଆବଶ୍ୟକ ଥିଲା। ସପ୍ତମ ନମ୍ବରରେ ବ୍ୟାଟିଂ କରୁଥିବା ରିଚା ଘୋଷ ମାତ୍ର ୭ ରନ୍ କରି ଆଉଟ ହୋଇଥିଲେ। ଅଷ୍ଟମ ନମ୍ବରରେ ବ୍ୟାଟିଂ କରୁଥିବା ଅରୁନ୍ଧତୀ ରେଡ୍ଡୀ ଅପରାଜିତ ୨ ରନ କରି ଟିମ୍ ଇଣ୍ଡିଆକୁ ବିଜୟୀ କରାଇଥିଲେ। ଏହି ଇନିଂସରେ ଜିମ୍ବାୱେ ପାଇଁ ନ୍ୟାସା ଗ୍ୱାଣ୍ଡୁରା ସର୍ବାଧିକ ତିନୋଟି ୱିକେଟ ନେଇଥିଲେ।

# ୨୦୨୭ରେ ଧମାକାଦାର କମବ୍ୟାକ୍

**ନୂଆଦିଲ୍ଲୀ,୧୭।୧୦ :** ଆହତ ଯୋଗୁଁ ୨୦୨୬ରେ ନିଜର ଖେଳ ଅଧାରୁ ଶେଷ କରିବାକୁ ବାଧ୍ୟ ହୋଇଥିବା ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର ନୀରଜ ଚୋପ୍ରା ଏବେ ଜୋରଦାର ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତ ହେଉଛନ୍ତି। ୨୦୨୭ରେ ଦମଦାର କମବ୍ୟାକ୍ କରିବା ତାଙ୍କର ମୁଖ୍ୟ ଲକ୍ଷ୍ୟ। ନିଜେ ନୀରଜ ଏହି ସୂଚନା ଦେଇଛନ୍ତି। ଆହତ ସମସ୍ୟାରୁ ଧୀରେ ଧୀରେ ସୁସ୍ଥ ହେଉଥିବା ସେ କହିଥିବା ବେଳେ ଆଗାମୀ ଦିନରେ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଦେବା ଉପରେ ଫୋକସ୍ କରୁଛନ୍ତି ବୋଲି କହିଛନ୍ତି ନୀରଜ।

ମୁମ୍ବାଇରେ ୨୦୨୬ ଅଡି କ୍ୟୁଥ୍ରୀ (ଇଙ୍କୟସ ଛଅ) ର ଲଞ୍ଚ୍ କାର୍ଯ୍ୟକ୍ରମରେ ଯୋଗଦେଇଥିବା ନୀରଜଙ୍କୁ ଅଲିମ୍ପିକ୍ସ ପାଇଁ ପ୍ରସ୍ତୁତି ସମ୍ପର୍କରେ ପଚରାଯାଇଥିଲା। ଏହାର ଉତ୍ତରରେ ସେ ନିଜର ଆଗାମୀ ଯୋଜନା ବିଷୟରେ କହିବା ସହ ଆହତରୁ ସାମାନ୍ୟ ସୁସ୍ଥ ହେବା ପରେ ଏବେ କେଉଁ ଦିଗ ଉପରେ ଗୁରୁତ୍ୱ ଦେଉଛନ୍ତି, ତାହା ସ୍ପଷ୍ଟ କରିଛନ୍ତି।

ନୀରଜ କହିଛନ୍ତି, ଅଲିମ୍ପିକ୍ସ ପାଇଁ ଏବେ ଅନେକ ସମୟ ବାକି ଅଛି। ତେବେ ତାଙ୍କ ଗୋଇଠିରେ ହୋଇଥିବା ଆଘାତ ଏବେ ଅନେକାଂଶରେ ଠିକ୍ ହୋଇଯାଇଛି ଏବଂ ସେ ପ୍ରତ୍ୟାବର୍ତ୍ତନ ପାଇଁ ପ୍ରସ୍ତୁତି କରୁଛନ୍ତି। ସେ ଆହୁରି କହିଛନ୍ତି, ଏବେ ତାଙ୍କର ସମ୍ପୂର୍ଣ୍ଣ ଧ୍ୟାନ ଆସନ୍ତା ବର୍ଷ ଜୋରଦାର ପ୍ରତ୍ୟାବର୍ତ୍ତନ କରିବା ଉପରେ ରହିଛି। ଏପର୍ଯ୍ୟନ୍ତ ଯେଉଁଭଳି ପ୍ରଦର୍ଶନ କରିପାରିନାହାନ୍ତି, ଆଗାମୀ ଦିନରେ



ସେହି ସ୍ତରର ପ୍ରଦର୍ଶନ କରିବାକୁ ଚାହୁଁଛନ୍ତି। ନୀରଜଙ୍କ ଏହି ବୟାନ ପରେ ତାଙ୍କ ପ୍ରଶଂସକଙ୍କ ମଧ୍ୟରେ ନୂଆ ଆଶା ସଞ୍ଚାର ହୋଇଛି। ଆହତ ସମସ୍ୟାରୁ ମୁକୁଳି ପୁଣି ଥରେ ଅନ୍ତର୍ଜାତୀୟ ସ୍ତରରେ ନିଜର ଦକ୍ଷତା ଦେଖାଇବା ଉପରେ ଏବେ ତାଙ୍କର ନଜର ରହିଛି।

ନୀରଜ ଚୋପ୍ରା କେବଳ ନିଜର ପ୍ରତ୍ୟାବର୍ତ୍ତନ ନୁହେଁ ବରଂ ଭାରତୀୟ ଜାଭେଲିନ୍ ଥ୍ରୋର ଭବିଷ୍ୟତକୁ ନେଇ ମଧ୍ୟ ଆଶାବାଦୀ ଅଛନ୍ତି। ୨୦୨୬ ଏସୀୟ କ୍ରୀଡ଼ାରେ ଜାଭେଲିନ୍ ଥ୍ରୋରେ ଭାରତୀୟ ଖେଳାଳିଙ୍କ ପ୍ରଦର୍ଶନକୁ ସେ ପ୍ରଶଂସା କରିଛନ୍ତି। ସେ କହିଛନ୍ତି, ସେ ଏବଂ କିଶୋର ଏଥର ନଥିବା ସତ୍ତ୍ୱେ ଭାରତ ଜାଭେଲିନ୍ ଥ୍ରୋରେ ଦୁଇଟି ପଦକ ଜିତିଛି। ଏହା ଭାରତୀୟ ଆଥଲେଟିକ୍ସ ପାଇଁ ଏକ ଭଲ ସଙ୍କେତ। ଦେଶରେ ପ୍ରତିଭାର ଅଭାବ ନାହିଁ ଏବଂ ନୂଆ ନୂଆ ଖେଳାଳି ଆଗକୁ ଆସୁଛନ୍ତି ବୋଲି ସେ କହିଛନ୍ତି।

ଭାରତୀୟ ଜାଭେଲିନ୍ ଥ୍ରୋର ଯୁବ ଖେଳାଳିଙ୍କୁ ଶୁଭେଚ୍ଛା ଜଣାଇବା ସହ ନୀରଜ ସେମାନଙ୍କୁ ନିଜ ଫିଟନେସର ଯତ୍ନ ନେବାକୁ ପରାମର୍ଶ ଦେଇଛନ୍ତି। ଆହତ ସମସ୍ୟାରୁ ଦୂରେଇ ରହିବା ସହ ଖେଳକୁ ଉପଭୋଗ କରିବା ଉପରେ ଗୁରୁତ୍ୱ ଦେବାକୁ ସେ କହିଛନ୍ତି। ନୀରଜଙ୍କ ମତରେ, ଭାରତରେ ନୂଆ ପ୍ରତିଭାଙ୍କ ଆଗମନ ଦେଶର ଆଥଲେଟିକ୍ସ ପାଇଁ ଶୁଭ ସଙ୍କେତ। ଏହି ଖେଳାଳିମାନେ ନିଜର ଦକ୍ଷତାକୁ ଆହୁରି ବିକଶିତ କରିପାରିଲେ ଆଗାମୀ ଦିନରେ ଭାରତ ଅନ୍ତର୍ଜାତୀୟ ସ୍ତରରେ ଆହୁରି ଭଲ ପ୍ରଦର୍ଶନ କରିପାରିବ। ଏବେ ସମସ୍ତଙ୍କ ନଜର ୨୦୨୭ ଉପରେ।

# ବିରାଟ କୋହଲି ଗର୍ବୀ ଓ ଅହଂକାରୀ ଥିଲେ

**ନୂଆଦିଲ୍ଲୀ,୧୭।୧୦ :** ବହୁ ଲୋକପ୍ରିୟ କ୍ରିକେଟର ବିରାଟ କୋହଲି ଅହଂକାରୀ ବୋଲି ସବୁବେଳେ ଚର୍ଚ୍ଚା ହୁଏ । କିନ୍ତୁ ଚର୍ଚ୍ଚାରେ ସତ୍ୟତା ରହିଛି ବୋଲି ଖୁଲାସା କରିଛନ୍ତି ଏବି ଡିଭିଲିୟର୍ସ । ଦକ୍ଷିଣ ଆଫ୍ରିକାର ପୂର୍ବତନ ଅଧିନାୟକ ତଥା କ୍ରିକେଟ୍ କିମ୍ବଦନ୍ତୀ ଭିଲିୟର୍ସ ଏବଂ କୋହଲିଙ୍କ ମଧ୍ୟରେ ବନ୍ଧୁତା ଖୁବ ନିବିଡ଼ । ଦୁହିଁଙ୍କ ନିବିଡ଼ ବନ୍ଧୁତ୍ୱ ସଂପର୍କରେ ସାରା ବିଶ୍ୱ ଜାଣିଛି । ଆଇପିଏଲରେ ଆରସିବି ପାଇଁ ଉଭୟ ଖେଳିବା ପରେ ସେମାନଙ୍କ ସଂପର୍କ ଆହୁରି ଘନିଷ୍ଠ ହୋଇଥିଲା । ସେମାନଙ୍କର ଏହି ବନ୍ଧୁତା କେବଳ ପଡ଼ିଆରେ ସୀମିତ ନଥିଲା । ବ୍ୟକ୍ତିଗତ ଜୀବନରେ ମଧ୍ୟ ସେମାନେ ଖୁବ ନିକଟତର ।

ବିରାଟଙ୍କ କ୍ରିକେଟ୍ କ୍ୟାରିୟର୍ ? ଏବଂ ବ୍ୟକ୍ତିତ୍ୱକୁ ଡିଭିଲିୟର୍ସ ସର୍ବଦା ପ୍ରଶଂସା କରିଆସିଛନ୍ତି । କିନ୍ତୁ ପ୍ରଥମ ସାକ୍ଷାତରେ ସେ ବିରାଟଙ୍କୁ ଅହଂକାରୀ ଏବଂ ଜିଦିଆ ସ୍ୱଭାବର ମଣିଷ ଭାବୁଥିଲେ ବୋଲି ନିଜେ ସ୍ୱୀକାର କରିଛନ୍ତି। ପ୍ରଖର ଗୁପ୍ତାଙ୍କ ସହ ଏକ



ପଡକାଷ୍ଟରେ ଡିଭିଲିୟର୍ସଙ୍କୁ ବିରାଟଙ୍କ ପ୍ରଥମ ସାକ୍ଷାତ ବିଷୟରେ ପଚରାଯାଇଥିଲା। ପ୍ରଶ୍ନର ଉତ୍ତର ଦେଇ ସେ ହସି ହସି କହିଛନ୍ତି ଯେ, 'ହଁ, ମୁଁ ପ୍ରଥମେ ସେପରି ହିଁ ଭାବିଥିଲି ଏବଂ ମୋର ବିଶ୍ୱାସ ଯେ, ବିରାଟ ନିଜେ ମଧ୍ୟ ଏହି କଥାରେ ସହମତ ହେବେ।'

ଡିଭିଲିୟର୍ସ ସ୍ପଷ୍ଟ କରିଛନ୍ତି ଯେ, ବିରାଟ ଅହଂକାରୀ ହେବାର ମୁଖ୍ୟ କାରଣ ଥିଲା ତାଙ୍କର ଅତ୍ୟଧିକ ଆତ୍ମବିଶ୍ୱାସ । । ୧୯, ୨୦ କିମ୍ବା ୨୧ ବର୍ଷ ବୟସରେ ବିରାଟ ଯେତେବେଳେ ଜଣେ ଯୁବ ଖେଳାଳି ଭାବରେ ନିଜର କ୍ୟାରିୟର୍ ଆରମ୍ଭ କରୁଥିଲେ, ସେତେବେଳେ ତାଙ୍କ ଭିତରେ ନିଜ ଦକ୍ଷତାକୁ ନେଇ ପ୍ରଚଣ୍ଡ ବିଶ୍ୱାସ ରହିଥିଲା। କ୍ରିକେଟ୍ ପରି ଏକ ସଫଳ ଖେଳରେ ବଡ଼ ସଫଳତା ହାସଲ କରିବା ପାଇଁ ସେହିଭଳି ଦୃଢ଼ ଆତ୍ମବିଶ୍ୱାସ ଅତ୍ୟନ୍ତ ଜରୁରୀ । କିନ୍ତୁ ବେଳେବେଳେ ଲୋକମାନେ ଏହାକୁ ଭୁଲ୍ ବୁଝି ଅହଂକାର ବୋଲି ଭାବିନିଅନ୍ତି।

ବିରାଟଙ୍କ ବ୍ୟକ୍ତିତ୍ୱରେ କିଭଳି ପରିବର୍ତ୍ତନ ଆସିଥିଲା ସେ ବିଷୟରେ ମଧ୍ୟ ଡିଭିଲିୟର୍ସ କହିଛନ୍ତି। ସେ କହିଛନ୍ତି ଯେ, ବିରାଟ ବୟସ ବଢ଼ିବା ସହ ଯେତିକି ଅଭିଜ୍ଞ ହେଲେ ତାଙ୍କର ଅହଂକାର ଧୀରେ ଧୀରେ ମିଳେଇ ଗଲା । କ୍ୟାରିୟର୍ ?ର ପ୍ରାରମ୍ଭିକ ଦିନଗୁଡ଼ିକରେ ନିଜକୁ ପ୍ରମାଣିତ କରିବାର ଯେଉଁ ଚାପ ଥିଲା, ତାହା ସମୟ ସହ କମିଗଲା। ଫଳରେ ସାଧାରଣ ଲୋକଙ୍କ ସାମ୍ନାରେ ଜବରଦସ୍ତ ଆତ୍ମବିଶ୍ୱାସ ଦେଖାଇବାର ଆବଶ୍ୟକତା ମଧ୍ୟ ଶେଷ ହୋଇଗଲା । ବିରାଟ ଜଣେ ନମ୍ର ଓ ପରିପକ୍ୱ ବ୍ୟକ୍ତିତ୍ୱରେ ପରିଣତ ହେଲେ ବୋଲି କହିଛନ୍ତି କିମ୍ବଦନ୍ତୀ କ୍ରିକେଟର ଏବି ଡିଭିଲିୟର୍ସ ।

# ମୁମ୍ବାଇ ଇଣ୍ଡିଆନ୍ସ ସହ ଜୟବର୍ଦ୍ଧନଙ୍କ ଯାତ୍ରା ଶେଷ

**ନୂଆଦିଲ୍ଲୀ,୧୭।୧୦ :** ଆଇପିଏଲ୍ ୨୦୨୭ ପୂର୍ବରୁ ମୁମ୍ବାଇ ଇଣ୍ଡିଆନ୍ସକୁ ବଡ଼ ଝଟକା ଲାଗିଛି । ମୁମ୍ବାଇ ଇଣ୍ଡିଆନ୍ସର ମୁଖ୍ୟ ପ୍ରଶିକ୍ଷକ ପଦରୁ ଇସ୍ତଫା ଦେଇଛନ୍ତି ମାହେଲା ଜୟବର୍ଦ୍ଧନେ। ତାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ ଇଣ୍ଡିଆନ୍ସ ୩ ଥର ଇଣ୍ଡିଆନ୍ ପ୍ରିମିୟର ଲିଗ୍ ଟାଇଟଲ୍ ଜିତିଥିଲା । ଜୟବର୍ଦ୍ଧନେଙ୍କ ଅଲଗା ହେବା ନିଶ୍ଚିତ କରି ଫ୍ରାଞ୍ଚାଇଜ୍ ଏକ ସରକାରୀ ବିବୃତ୍ତି ଜାରି କରିଛି । ପୂର୍ବତନ ଅଧିନାୟକ ରୋହିତ ଶର୍ମାଙ୍କ ତତ୍ତ୍ୱାବଧାନରେ ମୁମ୍ବାଇ ଇଣ୍ଡିଆନ୍ସ ୨୦୧୭, ୨୦୧୯ ଏବଂ ୨୦୨୦ରେ ତିନୋଟି ଆଇପିଏଲ୍ ଟାଇଟଲ୍ ଜିତି ଆଇପିଏଲ୍‌ରେ ରାଜୁତି କରିଥିଲା । ବିଗତ କିଛି ଆଇପିଏଲ୍ ସିଜିନରେ ମୁମ୍ବାଇ ଇଣ୍ଡିଆନ୍ସର ପ୍ରଦର୍ଶନ ନୈରାଶ୍ୟଜନକ ରହିଛି। ମହେଲା ଜୟବର୍ଦ୍ଧନେ ମୁମ୍ବାଇ ଫ୍ରାଞ୍ଚାଇଜ୍ ପାଇଁ ଜଣେ ମୁଖ୍ୟ ପ୍ରଶିକ୍ଷକଙ୍କ ଠାରୁ ଅଧିକ ଥିଲେ। ସେ ଦୁଇଟି ଭିନ୍ନ କାର୍ଯ୍ୟକାଳରେ ମୁଖ୍ୟ ପ୍ରଶିକ୍ଷକ ଭାବରେ କାର୍ଯ୍ୟ କରିଥିଲେ । ପ୍ରଥମ କାର୍ଯ୍ୟକାଳ ୨୦୧୭ ରୁ ୨୦୨୨ ପର୍ଯ୍ୟନ୍ତ ଚାଲିଥିଲା ଏବଂ



ଦ୍ୱିତୀୟ କାର୍ଯ୍ୟକାଳ ୨୦୨୪ ରୁ ୨୦୨୬ ପର୍ଯ୍ୟନ୍ତ ଚାଲିଥିଲା। ଏହି ସମୟ ମଧ୍ୟରେ ସେ ଡ୍ରେସିଂ ରୁମରେ ଅନୁଶାସନ, ପାରସ୍ପରିକ ସହଯୋଗ ଏବଂ ଦଳ ପ୍ରଥମ କରିବାର ଏକ ଦୃଢ ସଂସ୍କୃତି ସୃଷ୍ଟି କରିବାରେ ଏକ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିଥିଲେ। ୨୦୨୨ରେ ପ୍ରଥମ ଥର ପାଇଁ ମାର୍କ ବାଉଚରଙ୍କୁ ମୁଖ୍ୟ ପ୍ରଶିକ୍ଷକ ପଦ ହସ୍ତାନ୍ତର କରିବା ପରେ ଜୟବର୍ଦ୍ଧନେଙ୍କୁ ଗ୍ଲୋବାଲ୍ ହେଡ୍ ଅଫ୍ ପରଫର୍ମାନ୍ସ କରାଯାଇଥିଲା।

# ଇଣ୍ଡିଆ ମୋବାଇଲ୍ କଂଗ୍ରେସ ଦଶମ ସଂସ୍କରଣ

**ଭୁବନେଶ୍ୱର,୧୭।୧୦ :** ଇଣ୍ଡିଆ ମୋବାଇଲ୍ କଂଗ୍ରେସ (ଆଇଏମ୍‌ସି) ୨୦୨୬ର ଦଶମ ସଂସ୍କରଣ ଏକ ଐତିହାସିକ ଉଦଘାଟନୀ ଅଧିବେଶନରେ ବିଶ୍ୱ ଶିଳ୍ପପତି, ନୀତି ନିର୍ଦ୍ଧାରକ, ଟେଲିକମ୍ ଅପରେଟର ଏବଂ ଶିକ୍ଷାବିତ୍ ଏକତ୍ରିତ ହୋଇ ଫୋରମର ପରିଭାଷିତ ବିଷୟବସ୍ତୁ 'ସୀମା ବିନା ସ୍କେଲ' କୁ ଆଗକୁ ବଢାଇବାକୁ ଚେଷ୍ଟା କରାଯାଇଥିଲା। ଏହି ଦିନ ୬ଜି ଟେଷ୍ଟବେଡ୍, ଡାଇରେକ୍ଟ-ଟୁ-ଡିଭାଇସ୍ ସାଟେଲାଇଟ୍ ସଂଯୋଗ ଏବଂ ଏଆଇ-ଦେଶୀ ଡିଜିଟାଲ୍ ଭିତ୍ତିଭୂମିର ମୁଦ୍ରାକରଣ ଉପରେ ରଣନୀତିକ ଆଲୋଚନାକୁ ଗଭୀର କରିଥିଲା, ଯାହା ଫୋରମ୍ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ ଦିବସ ପାଇଁ ମଂଚ ସ୍ଥିର କରିଥିଲା । ଆଇଏମସିର ସିଇଓ ପି ରାମକ୍ରିଷ୍ଣା କହିଛନ୍ତି, '୧୦ ତମ ଇଣ୍ଡିଆ ମୋବାଇଲ୍ କଂଗ୍ରେସରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଅଭିଭାଷଣ ଟେକ୍ନୋଲୋଜି ପାଇଁ ଏକ ପ୍ରଦର୍ଶନ ବ୍ୟତୀତ ଆଇଏମସି ବିବର୍ତନକୁ ନିଶ୍ଚିତ କରିଛି। ଆଇଏମସି ଭାରତର ଡିଜିଟାଲ୍ ଅଭିବୃଦ୍ଧିର ଦର୍ପଣ ଭାବରେ କାର୍ଯ୍ୟ କରିଛି ବୋଲି ତାଙ୍କର ପର୍ଯ୍ୟବେକ୍ଷଣ ସୂଚିତ କରେ ଯେ ଦେଶର ଡିଜିଟାଲ୍ ସଶକ୍ତ ରାଷ୍ଟ୍ରରେ ରୂପାନ୍ତରିତ ହେବା ସହିତ ପ୍ଲାଟଫର୍ମ କିପରି ବିକଶିତ ହୋଇଛି। ଯେହେତୁ ଆଇଏମସି ଏହାର ପରବର୍ତୀ ଅଧ୍ୟାୟରେ ପ୍ରବେଶ କରୁଛି, ଆମର ଲକ୍ଷ ଏହି ପ୍ଲାଟଫର୍ମକୁ ଅଧିକ ଫଳାଫଳ-ଚାଳିତ କରିବା ଏବଂ ଭାରତୀୟ ଉଦ୍ଭାବନକୁ ବିଶ୍ୱ ବଜାରରେ ପହଂଚାଇବା ଉପରେ ରହିବ।'

# ନେକ୍ସସ୍ ଏସପ୍ଲାନେଡ୍ ସପ୍ତାହେ ବ୍ୟାପୀ ଦଶହରା ଉତ୍ସବ

**ଭୁବନେଶ୍ୱର,୧୭।୧୦ :** ଏହି ଦଶହରା ଅବସରରେ, ସହରର ଅଗ୍ରଣୀ ଲାଇଫଷ୍ଟାଇଲ୍ ଏବଂ ସପିଂ ଗନ୍ତବ୍ୟସ୍ଥଳ 'ନେକ୍ସସ୍ ଏସପ୍ଲାନେଡ୍', ଭୁବନେଶ୍ୱରରେ ଏକ ସପ୍ତାହ ବ୍ୟାପୀ ଉତ୍ସବ ମାଧ୍ୟମରେ ପର୍ବପର୍ବାଣୀର ରୂପ, ସ୍ୱର ଏବଂ ପରମ୍ପରାକୁ ଏକତ୍ରିତ କରୁଛି। ଅକ୍ଟୋବର ୧୪ ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିବାକୁ ଥିବା 'ଦଶହରା ଉତ୍ସବ ୨୦୨୬: ଆଲୋକ ଓ ବିଜୟର ଉତ୍ସବ'ରେ ଲୋକକଳା ପ୍ରଦର୍ଶନ, ପାରମ୍ପାରିକ ଓଡ଼ିଆ କଳା, ସଙ୍ଗୀତ, ନୃତ୍ୟ ଏବଂ ସମସ୍ତ ବୟସର ଦର୍ଶକଙ୍କ ପାଇଁ ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି।

ଏହି ମଲରେ ଦୁର୍ଗା ଓ ଶକ୍ତିଙ୍କ ଦ୍ୱାରା ଅନୁପ୍ରାଣିତ ଏକ ସ୍ୱତନ୍ତ୍ର ସାଜସଜ୍ଜା ବା ଆଟ୍ରିୟମ୍ ଇନଷ୍ଟଲେସନ୍, ଆଲୋକିତ ପଥ, ଫଟୋ ଉଠାଇବା ପାଇଁ ସ୍ୱତନ୍ତ୍ର ସ୍ଥାନ ଏବଂ 'ଭାରତରେ ନବରାତ୍ରିର ଯାତ୍ରା' ପ୍ରଦର୍ଶିତ ହେବ, ଯେଉଁଥିରେ ଆସାମ, ପଶ୍ଚିମବଙ୍ଗ, ତ୍ରିପୁରା ଏବଂ ଓଡ଼ିଶାର ପରମ୍ପରାକୁ ଦେଖିବାକୁ ମିଳିବ। ଦର୍ଶକମାନେ ଓଡ଼ିଶାର ପାରମ୍ପାରିକ ହସ୍ତଶିଳ୍ପ ଯେପରିକି ମୃତିକା ଶିଳ୍ପ, ତାଳପତ୍ର ଖୋଦେଇ, ଟେରାକୋଟା, ପଟ୍ଟଚିତ୍ର ଏବଂ ପିପିଲି ହସ୍ତକଳା କାର୍ଯ୍ୟର ପ୍ରଦର୍ଶନ ମଧ୍ୟ ଦେଖିପାରିବେ। ଉତ୍ସବର ମଜାକୁ ଦ୍ୱିଗୁଣିତ କରିବା ପାଇଁ, ଅକ୍ଟୋବର ୧୬ ରୁ ୨୦ ତାରିଖ ପର୍ଯ୍ୟନ୍ତ ମଲର ଲନ୍ ଅଂଚଳରେ 'ଡାଣ୍ଡିଆ ନାଇଟ୍ସ' ଆୟୋଜିତ ହେବ, ଯେଉଁଥିରେ ଚିତାକର୍ଷକ ସଙ୍ଗୀତ ଓ ପାରମ୍ପାରିକ ନୃତ୍ୟର ଆୟୋଜନ କରାଯିବ। ଏହି ସପ୍ତାହ-ବ୍ୟାପୀ ଉତ୍ସବରେ ବିଭିନ୍ନ ପ୍ରକାରର ସାଂସ୍କୃତିକ କାର୍ଯ୍ୟକ୍ରମ, ଆଲୋଚନାମୂଳକ କର୍ମଶାଳା ଏବଂ ପ୍ରତ୍ୟକ୍ଷ ମନୋରଞ୍ଜନର ସମାହାର ଦେଖିବାକୁ ମିଳିବ। ଏଥିରେ ନୃତ୍ୟ ପ୍ରତିଯୋଗିତା, ସମ୍ବଲପୁରୀ ଓ ବିହୁ ନୃତ୍ୟ ଠାରୁ ଆରମ୍ଭ କରି ସାହି ଯାତ, ପୁରୁଲିଆ ଛଉ ଏବଂ ଦୁଲଦୁଲି ଭଳି ଲୋକକଳା ପ୍ରଦର୍ଶନ ଅନ୍ତର୍ଭୁକ୍ତ ରହିବ। କାର୍ଯ୍ୟକ୍ରମରେ ଡିଜେ ତୁଷାର, ଡିଜେ ରାଜ, ଡିଜେ କିଙ୍ଗ୍, ଡିଜେ ବାଦଲ ଏବଂ ଡିଜେ ରିକ୍କଙ୍କ ଦ୍ୱାରା ଡିଜେ ସେଟ୍ ମଧ୍ୟ ପରିବେଷଣ କରାଯିବ। ଅନ୍ୟାନ୍ୟ ଆକର୍ଷଣୀୟ କାର୍ଯ୍ୟକ୍ରମ ମଧ୍ୟରେ ରହିଛି ତ୍ୱଚା ଯତ୍ନ, ମେକଅପ୍ ଏବଂ ଷ୍ଟାଇଲିଂ ଉପରେ ଆଧାରିତ 'ଫେଷ୍ଟିଭ୍ ଗ୍ଲୋ-ଅପ୍' କର୍ମଶାଳା, 'ୱିମେନ୍ ହୁ ଇନ୍ସପାୟାର୍' ସମ୍ବର୍ଦ୍ଧନା ଓ ପ୍ୟାନେଲ୍ ଆଲୋଚନା, ଏବଂ ଢାକ୍ ବାଦ୍ୟ, ସିନ୍ଦୂର ଖେଳ ଓ 'ବିଘ୍ନାନ୍ସ' ଦଳର ସିଧାସଳଖ ପ୍ରଦର୍ଶନ ସହିତ ଦଶହରା ଉତ୍ସବ ପାଳନ। ନିର୍ଦ୍ଦିଷ୍ଟ ସର୍ତାବଳୀ ସାପେକ୍ଷରେ, ୧୦,୦୦୦ ଟଙ୍କା ବା ତଦୁର୍ଦ୍ଧ୍ୱର କ୍ରୟ ଉପରେ ଗ୍ରାହକମାନେ ଉତ୍ସବକାଳୀନ ଉପହାର ମଧ୍ୟ ପାଇପାରିବେ।

ଆଂଚଳିକ କଳା ପ୍ରଦର୍ଶନ, ହସ୍ତଶିଳ୍ପର ପ୍ରତ୍ୟକ୍ଷ ପ୍ରଦର୍ଶନ ଏବଂ ସନ୍ଧ୍ୟାକାଳୀନ ମନୋରଞ୍ଜନର ମିଶ୍ରଣ ସହିତ, 'ଦଶହରା ଉତ୍ସବ ୨୦୨୬' ଦର୍ଶକମାନଙ୍କୁ ଘରେ ପାଳନ କରାଯାଉଥିବା ସାଧାରଣ ଉତ୍ସବଠାରୁ କିଛି ଭିନ୍ନ ଓ ସ୍ୱତନ୍ତ୍ର ଅନୁଭୂତି ପ୍ରଦାନ କରିବ। ଭୁବନେଶ୍ୱରରେ ଥିବା ପରିବାର ଓ ବନ୍ଧୁବାନ୍ଧବଙ୍କ ପାଇଁ, ବର୍ଷର ସବୁଠାରୁ ଆଗ୍ରହର ସହ ଅପେକ୍ଷା କରାଯାଇଥିବା ଏହି ସମୟରେ ସ୍ଥାନୀୟ ପରମ୍ପରା, ସାଂସ୍କୃତିକ ଅନୁଭୂତି ଏବଂ ଏକାଠି ସମୟ ବିତାଇବାର ସୁଯୋଗ ମିଳିବ।

# ଅଜିମ୍ ପ୍ରେମଜୀ ୟୁନିଭରସିଟି ଅଣ୍ଡରଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏଟ୍ ପାଠ୍ୟକ୍ରମ ପାଇଁ ଆବେଦନ

**ଭୁବନେଶ୍ୱର,୧୭।୧୦ :** ଅଜିମ୍ ପ୍ରେମଜୀ ୟୁନିଭରସିଟି ୨୦୨୭ ଶିକ୍ଷା ବର୍ଷ ନିମନ୍ତେ ତାହାର ବେଙ୍ଗାଲୁରୁ, ଭୋପାଳ ଏବଂ ରାଞ୍ଚିରେ ଥିବା ସମସ୍ତ କ୍ୟାମ୍ପସ୍‌ରେ ପୂର୍ଣ୍ଣ-କାଳୀନ ଅଣ୍ଡରଗ୍ରାଜୁଏଟ୍ ଓ ପୋଷ୍ଟଗ୍ରାଜୁଏ୍ ପାଠ୍ୟକ୍ରମ ପାଇଁ ଆବେଦନ ଉନ୍ମୁକ୍ତ କରିଛି। ବିଶ୍ୱବିଦ୍ୟାଳୟ (ୟୁନିଭରସିଟି) ଏଜୁକେସନ, ଡେଭେଲପମେଣ୍ଟ, ଇକୋନୋମିକ୍ସ, ପବ୍ଲିକ ହେଲ୍‌ଥ, ୟର୍ଲି ଚାଇଲଡ୍‌ହୁଡ କେୟାର ଆଣ୍ଡ ଏଜୁକେସନ୍ ଓ କ୍ଲାଇମେଟ ଚେଞ୍ଜ ଆଣ୍ଡ ସଷ୍ଟେନେବିଲିଟି ଆଦିରେ ପୋଷ୍ଟଗ୍ରାଜୁଏଟ ପାଠ୍ୟକ୍ରମ ପ୍ରଦାନ କରୁଛି। ଏହାର ଅଣ୍ଡରଗ୍ରାଜୁଏଟ୍ ପାଠ୍ୟକ୍ରମ ଅବଧି ଚାରିବର୍ଷ, ପୂର୍ଣ୍ଣ-କାଳୀନ ଆବାସିକ ଏବଂ ଏଥିରେ ହ୍ୟୁମାନିଟିଜ୍, ସୋସିଆଲ ସାଇନ୍ସେସ୍ ଓ ସାଇନ୍ସେସ୍ ଆଦି ପାଠ୍ୟକ୍ରମ ରହିଛି। ପୋଷ୍ଟଗ୍ରାଜୁଏଟ ପାଠ୍ୟକ୍ରମଗୁଡିକ ହେଉଛି ଏମ୍‌ଏ ଏଜୁକେସନ; ଏମ୍‌ଏ ୟର୍ଲି ଚାଇଲ୍‌ଡହୁଡ କେୟାର ଆଣ୍ଡ ଏଜୁକେସନ; ଏମ୍‌ଏ ଡେଭେଲପମେଣ୍ଟ, ଏମ୍‌ଏ ଇକୋନୋମିକ୍ସ; ଏମ୍‌ଏସ୍‌ସି କ୍ଲାଇମେଟ ଚେଞ୍ଜ ଆଣ୍ଡ ସଷ୍ଟେନେବିଲିଟି, ଯାହା ବେଙ୍ଗାଲୁରୁ କ୍ୟାମ୍ପସରେ ରହିଥିବାବେଳେ ଏମ୍‌ଏ ଏଜୁକେସନ; ମାଷ୍ଟର ଅଫ ପବ୍ଲିକ ହେଲ୍‌ଥ ଭୋପାଳରେ ଏବଂ ଏମ୍‌ଏ ଡେଭେଲପମେଣ୍ଟ; ଏମ୍‌ଏ ଆପ୍ଲାଏଡ ଇକୋନୋମିକ୍ସ ରାଞ୍ଚି କ୍ୟାମ୍ପସ୍‌ରେ ପ୍ରଦାନ କରାଯାଉଛି। ଇକୋନୋମିକ୍ସ, ଇଂଲିଶ, ହିଷ୍ଟରୀ, ଫିଲୋସଫି, ପଲିଟିକ୍ସ ଓ ଇକୋନୋମିକ୍ସ ଏବଂ ମିଡିଆ ଆଣ୍ଡ ଜର୍ଣ୍ଣାଲିଜମ୍‌ରେ ବିଏ ଅନର୍ସ; ବାୟୋଲୋଜି, କେମିଷ୍ଟ୍ରି, ମ୍ୟାଥେମାଟିକ୍ସ, ଫିଜିକ୍ସ, ସାଇକୋଲୋଜି, ଇନ୍‌ଫରମେସନ ସାଇନ୍ସ ଓ ଏନଭେରିମେଣ୍ଟାଲ ସାଇନ୍ସ ଆଣ୍ଡ ସଷ୍ଟେନେବିଲିଟିରେ ବିଏସ୍‌ସି ଅନର୍ସ ପାଠ୍ୟକ୍ରମ ବେଙ୍ଗାଲୁରୁ କ୍ୟାମ୍ପସରେ ପ୍ରଦାନ କରାଯାଉଛି।

Published and Owned by Sri Bibhuti Bhushan Mahapatra of House No.A/2, Suraj Vihar Phase-1, Po-Baragarh Brit Colony, Bhubaneswar-751018 published from Plot No.3774, Nageshwar Tangi, Bhubaneswar, Dist-Khurda-751002 and Printed by Smt. Sandhyarani Pati at M/S Swadhikar, IDCO Plot No-6/A/B/1, Revenue Plot No-8941(P) Mancheswar Industrial Estate,Bhubaneswar-751010, Near NSIC Office, Dist - Khordha (Odisha) , **Email : odishamahabharata@gmail.com, orissamahabharat@rediffmail.com**
**Editor: Bibhuti Bhushan Mahapatra ସମ୍ପାଦକ: ବିଭୂତି ଭୂଷଣ ମହାପାତ୍ର**